ବାପମାଙ୍କର କର୍ତ୍ତବ୍ୟ

# ଆପଣ ପିଲାଙ୍କୁ ବଢ଼ାଇବେ କିପରି ?

ଶ୍ରୀମତୀ ଆରତୀ ମହାନ୍ତି, ବି. ଏ. ( ଅନର୍ସ )

ପ୍ରଥମ ପ୍ରକାଶ
୧-୧-୧୯୬୦

ମୂଲ୍ୟ ଏକଟଙ୍କା ମାତ୍ର
ଅତିରିକ୍ତ ନାହିଁ

# ପିଲାଙ୍କୁ ବଢ଼ାଇବ କିପରି ?

ଖାଲି ମଣିଷ ପିଲା ନୁହେଁ, ପଶୁପକ୍ଷୀ ଜଗତରେ ମଧ୍ୟ ମା-ମାନଙ୍କର କାମ ହେଉଛି ପିଲାଙ୍କୁ ବଢ଼ାଇବା । ମଣିଷ ପରି ସେମାନଙ୍କର ବହୁତ ଆଶା ନ ଥାଏ । ବହୁତ ସମୟରେ ସଞ୍ଚୟ କରି ରଖିବାର କୌଣସି ବ୍ୟବସ୍ଥା ନଥାଏ । ତେଣୁ ପଶୁପକ୍ଷୀଙ୍କ ଜଗତରେ କେବଳ ଶିକାର କରିବା ଓ ଆହାର ଖୋଜିବା କାମ ଦୁଇଟି ଶିଖାଇ ଦିଆହୁଏ ।

ବିପଦ ଆପଦରୁ ରକ୍ଷା ପାଇବା ପାଇଁ ମା ତାର ପିଲା-ମାନଙ୍କୁ ଶିଖାଏ । ଅନେକ ସମୟରେ ପୁରୁଷ-ଜନ୍ତୁମାନେ ନିଜର ପିଲାକୁ ବି ଆକ୍ରମଣ କରି ଖାଇ ଯାଆନ୍ତି । ତେଣୁ ପିଲାକୁ ଜଗିବା ଭାର ମା ଉପରେ । ଘୋର ବର୍ଷା, ଶୀତ ବା ଗରମରୁ ରକ୍ଷା ପାଇବା ପାଇଁ ଯାହା କିଛି ବ୍ୟବସ୍ଥା ସେହି ମା କରିଥାଏ । ଈଶ୍ୱର ଏମାନଙ୍କୁ ଲୋମ, ନଖ, ଦାନ୍ତ, ଶିଙ୍ଗ ଆଦି ବିଭିନ୍ନ ପ୍ରକାରର ଆତ୍ମରକ୍ଷା ଉପାୟ ଦେଇଥାନ୍ତି । ଅଣ୍ଡା ଗ୍ରେଷ୍ଠରୁ ବଡ଼ ହେବାଯାଏ, ଅର୍ଥାତ ବଳ ପାଇବାଯାଏ, ପଶୁପକ୍ଷୀଙ୍କ ପିଲାମାନଙ୍କର ସାହସ ବଢ଼ିବାଯାଏ ମା ନିଜ ବୁଦ୍ଧିରେ ପିଲାମାନଙ୍କୁ ଶିଖାଏ ଆଉ ଚଳାଇନିଏ ।

କିନ୍ତୁ ମଣିଷମାନଙ୍କ କଥା ଏକଦମ୍ ଅଲଗା । ମଣିଷ ପିଲା ବେଶୀ ବୁଦ୍ଧିଆ ହେଲେ କ'ଣ ହେଲା, ସେ ପିଲାଦିନେ ବଡ଼ ଅସହାୟ । ବର୍ଷେ ହେବା ପର୍ଯ୍ୟନ୍ତ କାନ୍ଥ ବାଡ଼ ଧରି ଚାଲିପାରେ ନାହିଁ । ସେହି ବର୍ଷକଯାକ ସେ ପ୍ରାୟ ଗୁଣ୍ଡୁଣି କରିଲେ ଚଳେ । ଶୀତ କଲେ କି ଗରମ ହେଲେ ଉପଯୁକ୍ତ ପ୍ରକାରରେ ନିଜକୁ ଢାଙ୍କି ପାରିବ ନାହିଁ କି ଲୁଗା କାଢ଼ିପାରିବ ନାହିଁ । ଭୋକ ଶୋଷ କଲେ କହି ପାରିବ ନାହିଁ । ହାତ ଗୋଡ଼ ଅସଜ ହୋଇଛି କି ମଶା ପିମ୍ପୁଡ଼ି, ଓଡ଼ଶ କାମୁଡ଼ୁଛନ୍ତି, ସେଥିପାଇଁ କୌଣସି ପ୍ରତିକାର କରିପାରିବ ନାହିଁ । ସବୁବେଳେ ମା'କୁ ଦୃଷ୍ଟି ଦେବାକୁ ହେବ ।

ଅବଶ୍ୟ ପିଲା କାନ୍ଦେ । କିଏ କହେ—ଭୋକରେ କାନ୍ଦୁଛି; ଆଉ କିଏ କହେ ଯେ ନ କାନ୍ଦିଲେ ପିଲାର ବଳ ବଢ଼ିବ ନାହିଁ । ପିଲାର ସମସ୍ତ ପ୍ରକାର ଅସୁବିଧା ଅନ୍ୟକୁ ଜଣାଇ ଦେବାର ଉପାୟ ହେଲା ତା'ର କାନ୍ଦଣା । ସେହି କାନ୍ଦଣା ଥିବାଯାକେ ପିଲା ଅଛି, ରହିଛି ଆଉ ବଞ୍ଚିଛି ବୋଲି ବୁଝାଇ ଦେଇ ହୁଏ ।

ମଣିଷ ପିଲାକୁ ବଢ଼ାଇବା, ଖାଲି ତା'ର ବାପାମା ନୁହେଁ, ତା'ର ପରିବାର, ଦେଶ ଓ ସମସ୍ତଙ୍କର କର୍ତ୍ତବ୍ୟ । ପିଲା ଯଦି ଗେହ୍ଲା, ଅବାଧ, ମିଛୁଆ ଅବା ଖାଲି ରୋଗୀ ହୁଏ; ତେବେ ସମୂହ ଭାବରେ ସମାଜକୁ ବିପଦ । ସେଥିପାଇଁ ପିଲାକୁ କିପରି ବଢ଼ାଇବ— ଏଇ ବିଷୟ ପ୍ରତି ସବୁ ଦେଶରେ, ସବୁ ଯୁଗରେ ଲୋକେ ଧ୍ୟାନ ଦେଇ ଆସିଛନ୍ତି ।

ଆମ ଦେଶରେ ମଧ୍ୟ ନାନା ପ୍ରକାରର ଅଜ୍ଞାନତା, ମୂର୍ଖତା ଓ ଦାରିଦ୍ର୍ୟ ଭିତରେ ଲୋକମାନେ ପିଲାମାନଙ୍କୁ ନିଜ ବୁଦ୍ଧିରେ ପାଳି ଆସୁଛନ୍ତି । ଆଗେ ଆମର ଗୋଟିଏ କୁଳ-ପ୍ରଥା ଥିଲା । ପ୍ରତ୍ୟେକ ପାଠକ ତାଙ୍କର କୁଳ-ଧର୍ମକୁ ଚାହିଁ ପିଲାମାନଙ୍କୁ ବଢ଼ାଉଥିଲେ ।

ସେଥିରେ କେତେକ ସୁବିଧା ଆଉ କେତେକ ଅସୁବିଧା ମଧ୍ୟ ହେଉଥିଲା । ଏବେ ନୂଆ ସ୍ୱାଧୀନ ଭାରତରେ ପ୍ରତ୍ୟେକ ପିଲାକୁ ସମାନ ଅଧିକାର ଦିଆ ହେଉଛି । ଘୋର ଜଙ୍ଗଲରେ ରହୁଥିବା ପିଲା, ସହରର କୋଠାବାଡ଼ି ଭିତରେ ରହୁଥିବା ପିଲା ଆଉ ସମୁଦ୍ର ପନ୍ତାରରେ କୁଡ଼ିଆ ଘରେ ରହୁଥିବା ପିଲା ସମାନ ସୁବିଧା ପାଇବେ ବୋଲି ସରକାର ଠିକ୍ କରିଛନ୍ତି ।

ଏଣୁ ପିଲାଙ୍କୁ ଚଳାଇବା ବିଦ୍ୟାଳୟର ପରୀକ୍ଷା ପରି ସମାନ ପ୍ରକାରର ହେବା ଉଚିତ । ନ ହେଲେ ଗରିବ ଘରର ପିଲା, ବଡ଼-ଲୋକ ଘରର ପିଲାଙ୍କ ସାଙ୍ଗରେ ଓ ସହରର ପିଲା, ଦୂର ପାଟ ପାଣି-ଘେରା ଗାଁର ପିଲାଙ୍କ ସାଙ୍ଗରେ ସମାନ ହୋଇ ପାରିବେ ନାହିଁ । ସମସ୍ତଙ୍କୁ ସମାନ ସୁବିଧା ଦେବାକୁ ହେଲେ ସମାନ ପ୍ରକାରର ଶିକ୍ଷା ଦେବା ଉଚିତ ।

ପିଲା ବଡ଼ ହେଲେ ସ୍କୁଲକୁ ଯିବ । ତା'ର ଶକ୍ତି ଓ ବାପ-ମା'ର ସାମର୍ଥ୍ୟକୁ ଚାହିଁ ସେ ପାଠ ପଢ଼ିବ । ଶେଷକୁ ତା'ର ଭାଗ୍ୟ ଅନୁସରି ସେ କୌଣସି ବ୍ୟବସାୟ କରି ଅବା ଚାକିରି କରି ପେଟ ପୋଷିବ । ସ୍କୁଲକୁ ଗଲେ ତେଣିକି ଗୋଟାଏ ପ୍ରକାରର ସମାନ ପଢ଼ାର ସୁବିଧା ସେ ପାଇପାରିବ । କିନ୍ତୁ ସ୍କୁଲକୁ ଯିବା ପର୍ଯ୍ୟନ୍ତ ଯେଉଁ କେତେ ବର୍ଷ ସେ ଘରେ ରହିବ, ସେଥିରେ ସେ ଘରୁ ଯାହା ଶିଖିବ, ସେହି ଅନୁସାରେ ସେ ନିଜର ମନ ବଡ଼ କିମ୍ବା ଛୋଟ କରିବ ।

ଆମର କଥା ଅଛି ଯେ ବଡ଼ଘରର ପିଲାଙ୍କ ମନ ଛୋଟ-ଘରର ପିଲାଙ୍କ ମନ ଠାରୁ ବଡ଼ । ଏଇଟା ଖାଲି ଗୋଟାଏ ଭ୍ରମର । ସବୁ ମଣିଷ ସମାନ । ଛୋଟ ଘରର ପିଲାକୁ ଭଲ ଭାବରେ ବଢ଼ାଇଲେ ସେ ବି ବେଶ୍ ବଡ଼ ହୋଇପାରିବ ।

ଏଥିରେ ନୂଆ କଥା କିଛି ନାହିଁ । ସେହି ମଣିଷ ଦି'ଜାଗାରେ ଦୁଇଟି କୁକୁର ପୋଷିଲେ । ଜଙ୍ଗଲରେ ଯେ ରହୁଛି, ସେ ତା'ର କୁକୁରକୁ ଶିକାର କରିବାକୁ ଶିଖାଇଲେ । ଯେ କୁକୁର ତାକୁ ପଶୁପକ୍ଷୀ ଶିକାର କରିବାରେ, ମାଛ, କଇଁଛ ମାରିବାରେ ସାହାଯ୍ୟ କଲା । ଆଉ ଜଣେ ତାକୁ ସର୍କସରେ ଖେଳ ଶିଖେଇଲା । ସେ କୁକୁର ନାନା ପ୍ରକାର ଖେଳ ଦେଖାଇ ତା'ର ମାଲିକକୁ ପୋଷି ପାରିଲା ।

ଆଉ ଜଣେ ତା'ର କୁକୁରକୁ କିଛି ଶିଖାଇଲା ନାହିଁ । ଦେଖା-ଗଲା ଯେ ତା' କୁକୁରଟି ବଡ଼ ନିର୍ବୁଦ୍ଧିଆ । ପିଲାବେଳେ ତା'ର ଯେତିକି ବୁଦ୍ଧି ଥିଲା ସେତିକିରେ ସେ ଚଳୁଛି ।

ଖାଲି କୁକୁର ନୁହେଁ, ମଣିଷ ବି ନେଉଳ, ମାଙ୍କଡ଼, ମୂଷା ଓ ଭାଲୁ, ହାତୀ ପରି ଜୀବମାନଙ୍କୁ ନାନା ପ୍ରକାର ଶିକ୍ଷା ଦେଇ ବହୁତ ଉପକାରରେ ଲଗାଇ ପାରୁଛି । ଏଥିରୁ ବୁଝାଯାଉଛି ଯେ ବୁଦ୍ଧିଟାକୁ ଘସାମଜା କଲେ ସରସ ହୋଇପାରେ । ଜନ୍ତୁ ମାନଙ୍କେ ଯେତିକି ବୁଦ୍ଧି, ମଣିଷର ବୁଦ୍ଧି ନିଶ୍ଚୟ ତା' ଠାରୁ ବେଶୀ । ଅଭାବ-ଗ୍ରସ୍ତ ଲୋକର ଘରେ ଖାଲି ମନର ଅଭାବ ଯୋଗୁଁ ଆଉ ତାଙ୍କର ଅଳସୁଆମି ଯୋଗୁଁ ପିଲାମାନେ ନିକମା ହୋଇ ଯାଉଛନ୍ତି । ଗୁଡ଼ାଏ ଲୋକ ନିକମା ହେଲେ ସମସ୍ତଙ୍କ ଉପରେ ତା'ର ପ୍ରଭାବ ପଡ଼ୁଛି । ମୂଲିଆ ଭଲ କାମ କରୁ ନାହିଁ, ଚାଷୀ କ୍ଷେତରେ ଭଲ ଫସଲ କରୁ ନାହିଁ—ଏହିପରି ହେଉ ହେଉ ଦଳେ ଲୋକ ଏକାଠି ମିଶିଲେ ବି କୁଆଡ଼କୁ ହେଉ ନାହାନ୍ତି ।

# ଏଥି କ'ଣ ଭାଗ୍ୟର ଦୋଷ ?

ଶାସ୍ତ୍ରରେ ଲେଖାଅଛି ଯେ ମୋଟେ ପିଲା ନ ହେବା ବରଂ ଭଲ, ପିଲା ଜନ୍ମ ହୋଇ ମରିଯିବା ବରଂ ଭଲ; କିନ୍ତୁ ନିକମା ପିଲା ଜୀଇ ରହି ମୁଣ୍ଡ ଗଣତିରୁ ଗୋଟିଏ ହେଲେ ବି ଜୀବନଯାକ ନିଜକୁ ଆଉ ବାପମା, ପରିବାରର ସମସ୍ତଙ୍କୁ ଟିକିଏ ଟିକିଏ କରି ଦୁଃଖ ଅଶାନ୍ତି ଦେଉଥାଏ ।

ଗାଁ ଗାଁରେ ଜ୍ୟୋତିଷ ଅବଧାନ ଅଛନ୍ତି । ପିଲା ଜନ୍ମ ହେଲା ବେଳୁ ସେ ଯେମିତି ଭଲ ହେବ, ସେଥିପାଇଁ ପାଞ୍ଚ ଦିନରେ ପଞ୍ଚୁଆତି, ଛ ଦିନରେ ଷଠିଆର, ଏକୋଇଶି ଦିନରେ ସତ୍ୟ-ନାରାୟଣ ପାଲାରୁ ଆରମ୍ଭ କରି କେତେ ପୂଜା ମାନସିକ ନ ହେଉଛି ? ଜାବାଳି ପଡ଼ିବ ଅମୁକ ଠାକୁରଙ୍କ ପାଖରେ, ସେ ବଡ଼ ହେଲେ ଅମୁକ କଥା ହେବ—ଏମିତିକିଆ ମାନସିକ କିଛି ଊଣା ହୁଏ ନାହିଁ । ମା ଗୁରୁବାର କରୁଛି, ନ ହେଲେ ଗୃହ ଉପାସ । ଏମିତି ଏମିତି ପିଲା ବଡ଼ ହେବାଯାଏ ମା ତା'ର ଦୁଃଖେ ସୁଖେ ଲାଗି ରହିଛି ।

ସବୁ କରିଧରି ପିଲା ଖରାପ ହେଲାବେଳକୁ ଲୋକେ ଭୁସ୍‌କିନା କହି ଦେଉଛନ୍ତି—ମୋ କପାଳ ଖରାପ ବୋଲି ମୋ ପିଲା ଏମିତିକା ହେଲେ । ଏହା କହି ଆଖିରୁ ଲୁହ ଗଡ଼ାନ୍ତି ଓ ପିଲା ବେଶୀ ଅବରଗିଆ ହେଲେ ମୁଣ୍ଡ କୋଡ଼ି କାନ୍ଦନ୍ତି ।

ସମସ୍ତେ ଜାଣିଥିବେ ଯେ ଚୋରର ମା ଲାଜେ ନ କାନ୍ଦେ, ଆଉ ପଦ କାନ୍ଦେ ଦୁଆର ଦେଇ କାନ୍ଦେ—ଏଇକଥା ଖାଲି ଚୋରର ମା ପ୍ରତି ଖଟେ ନାହିଁ, ସବୁ ମା ପ୍ରତି ଖଟେ ।

ପିଲା ଚୋର କଲେ ମା'କୁ ଲାଜ ହୁଏ'। ଅର୍ଥାତ୍ ମା'ର ଦୋଷ ବୋଲି ସମସ୍ତେ ଠିକ୍ କରି ନଅନ୍ତି। ପିଲା ଖରାପ ହେଲେ ସେମିତି ସେ ମା'ର ଦୋଷ। ସବୁ ନିକମା ପିଲାଙ୍କର ମା' ସେମିତି ଦୁଆର କଳି କାନ୍ଦୁଛନ୍ତି। ନିଜକୁ ଦୋଷ ନ ଦେଇ କପାଳକୁ ନିନ୍ଦୁଛନ୍ତି। କିନ୍ତୁ କପାଳର ଦୋଷ ନାହିଁ।

ନିଜର କର୍ମରୁ କପାଳ ଗଢ଼ି ହୁଏ। ଖାଲି ପିଲାଟିଏ କୋଳକୁ ଆସିଲେ କୁଳ ଉଜ୍ଜ୍ୱଳ ହେବ ନାହିଁ। ପିଲା ଯେବେ ଧୁରନ୍ଧର ହୁଏ, ଶହେ ଜଣରେ ଜଣେ ହୁଏ; ତେବେ ଯିନା କୁଳକୁ ଆସିବା ସାର୍ଥକ ହେଲା। ଏଇ ପିଲାକୁ ଏମିତି ଗଢ଼ିବାକୁ ହେଲେ ସର୍କସ-ଖେଳାଳି କୁକୁରକୁ ଶିଖେଇଲା ପରି ବାପ ମା' ପିଲା ପଛରେ ଲାଗିଲେ ଯିନା ପିଲା ମଣିଷ ହେବ !

ସମସ୍ତେ ଦେଖିଥିବେ ଯେ ଝାଡ଼ାଝାଡ଼ି ନକଲେ ଘରର ଶେଣୀ, ଓଳିକୁ ବି ଉଇ ଝୁଣି ପକାନ୍ତି। ବାହାରେ ପଡ଼ିଥିବା ଜିନିଷକୁ ଉଇ ଖାଇ ଯାଆନ୍ତି। ନିଜ ଘର ଭିତରେ ମୂଷା ବସା କରେ। ଜନ୍ତୁଜନ୍ତା ଆସି ଘର ଭିତରେ ପଶନ୍ତି। କିନ୍ତୁ ଘରର ହେପାଜତ୍ କରୁଥିଲେ ସେହି ଘର ଦିବ୍ୟସୁନ୍ଦର ହୋଇ ଗଢ଼ି ଉଠେ।

ସାମାନ୍ୟ. ଘରକରଣା. ଜିନିଷରେ ଯେବେ 'ଯତ୍ନ କଲେ ରତ୍ନ ମିଳେ', ତେବେ ମଣିଷ ପିଲାକୁ ଯତ୍ନ ନ କଲେ ସେ କେମିତି ଭଲ ହେବ କି ବଡ଼ ହେବ ? ଅଳସୁଆ ପ୍ରକୃତିରେ କର୍ମକୁ ନିନ୍ଦନ୍ତି। ତେଣୁ ଆମର ଲକ୍ଷ୍ୟ ରହିବା ଉଚିତ ଯେ ଆମେ ଚେଷ୍ଟା କରିବୁ। ଆଉ ଉପଯୁକ୍ତ ପ୍ରକାରେ ଚେଷ୍ଟା ଯତ୍ନ କଲାପରେ ଆମର ଫଳ ଦୈବ ହାତରେ।

ଅନୁଭବୀ ଲୋକ ସମସ୍ତେ କହିବେ ଯେ ଶ୍ରେଷ୍ଠ ଶ୍ରେଷ୍ଠ ଭୁଲ କେବଳକୁ ଖୁବ୍ ବଡ଼ ହୋଇ ଦଗାଦିଏ। ସେଇଠା ଅବଶ୍ୟ ଦୈବ।

କିନ୍ତୁ ସାଧାରଣ ଚେଷ୍ଟା ନ ଥିଲେ ଖାଲି ଦୈବ ବୋଲି ପାଟିକରି କାନ୍ଦିବା ଉଚିତ ନୁହେଁ ।

ସମସ୍ତେ ପଚାରିବେ ଯେ ମୁଁ ତ ଘରକୁ ଜଣେ । ମୋର ପିଲାଗୁଡ଼ିଏ ଅଛନ୍ତି । ମୁଁ ତାଙ୍କୁ ଚଳାଇବି କିପରି ? ଏଇଟା ହେଲା ସେଇ ନିନ୍ଦୁକର ଲକ୍ଷଣ ।

ମଣିଷ ଗୁଡ଼ିଏ ପିଲା ସର୍ଜନା କରିବାକୁ ଚେଷ୍ଟା କରୁଛି କି ନାହିଁ, ସେ କଥା ସେହି ଏକା କହିବ । ସମସ୍ତେ ଦେଖିଥିବେ ଯେ ଗୁଡ଼ାଏ ପିଲା ହେଲେ ଖାଲି ମା'କୁ ଅଡୁଆ ନୁହେଁ, ତା'ର ପୋଷିଲା ବାପ ମଧ୍ୟ କଣ୍ଠାଗ୍ରତ । ତେଣୁ ବାପା ମା' ପିଲାଟିଏ କୋଳକୁ ଆଣିବା ପୂର୍ବରୁ ନିଜର ସାମର୍ଥ୍ୟ କଳିବା ଉଚିତ । ପିଲା ବେଶୀ ହେଉଥିଲେ ସେଥିକି ଆପଣା ବୁଦ୍ଧିରେ ସାବଧାନ ହେବା ଉଚିତ । ଖାଲି କପାଳକୁ ନିନ୍ଦା କଲେ ଦୁଃଖ ଯିବ ନାହିଁ ।

# କେତୋଟି ପିଲା ରହିବା ଉଚିତ ?

କି ବଡ଼ କି ଛୋଟ ସମସ୍ତଙ୍କର ପିଲା ଦରକାର । ମଣିଷ ମାନେ ପିଲା ନ ହେବାଯାଏ ନିଜକୁ ଅସମ୍ପୂର୍ଣ୍ଣ ବୋଲି ଭାବନ୍ତି । ପିଲା ନଥିଲେ ଘର ସୁନ୍ଦର ଦିଶେ ନାହିଁ । ବାପାମାଙ୍କ ଭିତରେ ଭଲ ସମ୍ବନ୍ଧ ରହେ ନାହିଁ । ପିଲାଙ୍କୁ ବଢ଼ାଇବାରେ ମଣିଷ ଯେଉଁ ଆନନ୍ଦ ପାଏ, ଆଉ ବଞ୍ଚିବାର ଯେଉଁ ପ୍ରେରଣା ପାଏ, ସେତକ ସେ ଅନ୍ୟ କେଉଁଥିରୁ ପାଇପାରେ ନାହିଁ । ତେଣୁ ପିଲା ନିଶ୍ଚୟ ଦରକାର ।

ମଣିଷ ପୁଣି ଏମିତି ନୁହ ଖାଲି ପୁଅ ହେଲେ କି ଖାଲି ଝିଅ ହେଲେ ସନ୍ତୁଷ୍ଟ ହୁଏ ନାହିଁ । ଅନ୍ତତଃ ପକ୍ଷେ ତା'ର ଗୋଟିଏ ପୁଅ ଓ ଗୋଟିଏ ଝିଅ ହେବା ଉଚିତ । କିନ୍ତୁ ଯୋଡ଼ିଏ ପିଲା ଥିଲେ, ଦୈବ-ଦୁର୍ଘଟଣାରେ ବା ରୋଗରେ ଯେବେ ଗୋଟିଏ ମରିଗଲା, ତେବେ ସବୁବେଳକୁ ଦୁଃଖ । ତେଣୁ ପ୍ରତ୍ୟେକ ସ୍ତ୍ରୀ-ପୁରୁଷଙ୍କର ଅନ୍ତତଃ ଚାରୋଟି ପିଲା ବା ତହିଁରୁ ଊଣା ଥିଲେ ଭଲ ।

ଯେବେ ବାପ ମା ସାବଧାନ ହୋଇ ନିଜର ସ୍ୱାସ୍ଥ୍ୟ, ଆୟୁ ଓ ପିଲାର ଭଲକୁ ବିଚାର କରନ୍ତି ତେବେ ସେମାନେ ଗୋଟିଏ ପିଲାକୁ ତିନିବର୍ଷ ହେବା ପୂର୍ବରୁ ଆଉ ଗୋଟିଏ ପିଲାକୁ କୋଳକୁ ନେବେ ନାହିଁ । ତିନିଚାରି ବର୍ଷରେ ଗୋଟିଏ ପିଲା ହେଲେ, ଚାରୋଟି ପିଲାକୁ ବାରବର୍ଷରୁ ଷୋଳବର୍ଷ ଲାଗିବ ।

ଆମର 'ବିଶ୍ ଚବିଶ୍‌ରେ ଯବ୍ ନେହିଁ ପୁତା, ତବ ନେହିଁ ପୁତା'—କଥାରୁ ବୁଝାଯାଉଛି ଯେ ବେଶୀ ବୟସରେ ହୋଇଥିବା ପିଲା କାମକୁ ପାଏ ନାହିଁ । ପିଲା ବଡ଼ ହେବା ପୂର୍ବରୁ ବାପମାଙ୍କର ବଳବୟସ ଯାଇଥାଏ । ଏଇ ଚବିଶି ପଚିଶି ବର୍ଷ ବୟସରେ ଯେବେ ପ୍ରଥମେ ପିଲା ହୁଏ, ତେବେ ଚାଳିଶି ବର୍ଷ ଯୁଦ୍ଧା ଚାରୋଟି ପିଲା ହୋଇଥିବେ ।

ତେଣୁ ପ୍ରତ୍ୟେକ ବାପ ମା' ନିଜ ପାଖରେ ଠାକୁରଙ୍କୁ ଚାହିଁ ନିୟମ କରିବା ଉଚିତ ଯେ ଚାଳିଶ ବର୍ଷ ପରେ ତାଙ୍କର ଯେପରି ପିଲା ହେବେ ନାହିଁ । ଏଇ ଛୋଟିଆ ନିୟମଟି ପାଳି ପାରିଲେ ସେମାନେ ନିଜେ କଷ୍ଟ କମ୍ ପାଇବେ ଓ ପିଲାକୁ ମଧ୍ୟ କଷ୍ଟ ଦେବେ ନାହିଁ ।

ଏଥି ଭିତରେ ଯେବେ ଚାରୋଟି ପିଲା ନ ହେବେ, ଅବା ହୋଇ ନ ରହିଲେ ; ତେବେ ସେମାନେ ଭାଗ୍ୟକୁ ଆଦରି ସନ୍ତୁଷ୍ଟ ରହିବା ଉଚିତ । ବେଶୀ ବୟସରେ ପିଲା ହେଲେ ତାଙ୍କର ଚ

ଯତ୍ନ ନେଇ ହେବ ନାହିଁ, ଆଉ ସେ ସୁସ୍ଥ ଓ ସବଳ ହେବା ସବୁ କ୍ଷେତ୍ରରେ ସମ୍ଭବ ମଧ୍ୟ ନୁହେଁ । ପିଲାଙ୍କୁ ଉପଯୁକ୍ତ କରିବା ଅର୍ଥ ମଧ୍ୟ ହେଉଛି—ଜନ୍ମରୁ ତାକୁ ଉପଯୁକ୍ତ ସ୍ୱାସ୍ଥ୍ୟ ଓ ବୁଦ୍ଧି ଦେଇ ସଂସାରକୁ ପଠାଇବା ।

ତେଣୁ ଆମର ପ୍ରଥମ ନିୟମ ହେଲା—ପଚିଶ ବର୍ଷ ଆଗରୁ ପିଲା ହେବେ ନାହିଁ । ଆଉ ପଞ୍ଚଳିଶ ବର୍ଷ ପରେ ମଧ୍ୟ କୌଣସି ପିଲା ଆସିବେ ନାହିଁ । ଝିଅମାନେ ଯଦି ଅଠର କୋଡ଼ିଏ ଆଗରୁ ବିଭା ନ ହୁଅନ୍ତି, ଆଉ ପୁଅମାନେ ଯଦି ବାଇଶି ଚବିଶି ପୂର୍ବରୁ ସ୍ୱାମୀ ହେବାକୁ ନ ଖୋଜନ୍ତି; ତାହାହେଲେ ଉଣା ଅଧିକେ ପ୍ରତ୍ୟେକ ପରିବାର ବିଶେଷ ଅସୁବିଧାରେ ପଡ଼ିବ ନାହିଁ ।

ବେଶୀ ପିଲା ଥିବା ବାପ ମା ବରାବର କହି ହୁଅନ୍ତି ଯେ ମୁଁ ମହାପାପୀ । ମୁଁ ବହୁକୁଟୁମ୍ବୀ । ମା'ମାନେ ସେମିତି କହି ହୁଅନ୍ତି—ମୋର ବର୍ଷିକିଆ ପିଲା । ଏଥିରେ ଈଶ୍ୱରଙ୍କର କିଛି ହାତ ନାହିଁ । ଏଇଟା ମଣିଷର ନିଜ ହାତର ଅର୍ଜନ ।

ସେଠି ମଧ୍ୟ କପାଳକୁ ନିନ୍ଦା ନକରି କି ନିଜର ଆୟୁ ବଢ଼ିଲା ନାହିଁ ବୋଲି ଚିନ୍ତିତ ନ କରି ବାପ ମା'ମାନେ ଯେବେ ଏଇ ସୀମା ଭିତରେ ନିଜର ଦେହ, ଅର୍ଜନ, ଆଉ ଅନ୍ୟାନ୍ୟ ସୁବିଧା ଅସୁବିଧା ପ୍ରତି ଲକ୍ଷ୍ୟ ରଖି ସହଜରେ ସୁବିଧାରେ ଚଳାଇ ପାରିବା ଭଳି ଗୋଟିଏ ବା ଗୋଟିଏରୁ କମ୍ ପିଲା ଠାକୁରଙ୍କଠାରୁ ମାଗି ନେବାର ଚେଷ୍ଟା କଲେ ସେମାନଙ୍କର ଓ ପିଲାମାନଙ୍କର ବହୁତ ଅସୁବିଧାରୁ ସୁବିଧା ହୋଇଯିବ ।

# ତେଣୁ ସଂଯମ ବିଶେଷ ଦରକାର

ସଂଯମ ହେଉଛି ମଣିଷର ହିତାହିତ ଜ୍ଞାନ । ନିଜର ବଳକୁ ବୁଝି ମଣିଷ ସବୁ କଥା କରେ । ସେ ଯେଉଁ କାମ କରୁ, ଆଗ ଭାବେ ଯେ ସେ କାମଟିକୁ ସେ ତୁଲାଇ ପାରିବ କି ନାହିଁ । ସେହିପରି ପ୍ରତ୍ୟେକ ପୁରୁଷ ଓ ସ୍ତ୍ରୀ ଯଦି ନିଜର ସ୍ୱାମୀ ସ୍ତ୍ରୀ ହୋଇଥିବାର ସୁବିଧାକୁ ଜାଣି ଜାଣି ଉଚ୍ଛୃଙ୍ଖଳ ନ କରନ୍ତି, ତାହାହେଲେ ସେମାନେ ପରେ ଅନୁତାପ କରିବେ ନାହିଁ ।

ମଣିଷ ଯେଉଁ କାର୍ଯ୍ୟକୁ ନିଜର ବୁଦ୍ଧି ବିବେକ ବଳରେ ବନ୍ଦ କଲେ ଭବିଷ୍ୟତକୁ ଅନୁତାପ ନ କରେ—ତାର ନାଁ ହେଉଛି ସଂଯମ । ଖାଲି ଯୋଗୀ ଋଷି ନୁହନ୍ତି, ସାଧାରଣ ମଣିଷ ମଧ୍ୟ ସଂଯମ ଅଭ୍ୟାସ କରିପାରେ । ଯେତେବେଳେ ଯେଉଁ କାର୍ଯ୍ୟ କରିବାକୁ ମନ ବିଚାର ବୁଦ୍ଧି ହରାଇ ବ୍ୟଗ୍ର ହେଉଛି, ସେତେବେଳେ ସେହି କାମ ନ କରିବା ଅବା କଲାବେଳେ ଆଗ ପଛକୁ ଭାବିବା ହେଉଛି ସଂଯମ ।

ସଂଯମ ଅଭ୍ୟାସ କରିବାକୁ ବାଘଛାଲ ଉପରେ ବସିବା ଅବା ଉପାସ ରହି ଫଳାହାର କରିବା ଦରକାର ନାହିଁ । ପ୍ରତ୍ୟେକ ବିଷୟରେ ଯେ କୌଣସି ଠାକୁରଙ୍କ ଉପରେ ଲକ୍ଷ୍ୟ ରଖି ନିଜର ମନକୁ ପଚାରି କାମକରିବା ନାଁ ହେଉଛି ସଂଯମ ।

"ମନ ତୋହର ନିଜ ଗୁରୁ,
ଉଦ୍ଧବ କେତେ ତୁ ପଚାରୁ ।"

ପୂର୍ବେ ଲୋକେ ଏଇ ମନକୁ ପଚାରି ପଚାରି ମନକୁ ଦେବତା ରୂପେ ଗଣି ସବୁ କାମ କରି ଯାଇଥିଲେ । ତାଙ୍କର ଗାଁକୁ ରାସ୍ତା

ନଥିଲା । ସେଠି ପକ୍କା ଘର ନଥିଲା କି ସେଠି ରେଡ଼ିଓ ବଜାଇ ପାରୁ ନଥିଲେ; କିନ୍ତୁ ସେମାନେ ଭଲରେ ଚଳୁଥିଲେ । ଆଉ ସେମିତି ନିଜର ଛୋଟିଆ ସଂସାର କରି ତା'ର ଭିତରୁ ଯେଉଁ କେତୋଟି ବଂଶଧର ଛାଡ଼ିଯାଇଥିଲେ, ସେହିମାନେ ଆଜି ଦେଶର ଟେକ ରଖିଛନ୍ତି ।

ଆଜି ମଧ୍ୟ ପ୍ରତ୍ୟେକ ଲୋକ ରହି ରହି, ଭାବି ଭାବି ନିଜକୁ ପୁଣି ଥରେ ପ୍ରତ୍ୟେକ କାମ କରିବା ଆଗରୁ ମନ ସାଙ୍ଗରେ ପରାମର୍ଶ କଲେ ସବୁ ସୁବିଧାର ବାଟ ପାଇବେ । ପିଲାମାନେ ବହୁ ସଂଖ୍ୟାରେ ଓ ଅସମୟରେ ଆସି ତାଙ୍କୁ ଦହଗଞ୍ଜ କରିବେ ନାହିଁ । ଆଉ ପିଲାମାନଙ୍କର କିଛି କରିପାରିଲେ ନାହିଁ ବୋଲି ତାଙ୍କ ମନରେ ମଧ୍ୟ ଅବଶୋଷ ରହିବ ନାହିଁ । ସେହି ପିଲା ଅବଶ୍ୟ ବାପମାଙ୍କର ନାମ ରଖିବେ ।

ତେଣୁ ନିଜର ସ୍ୱାସ୍ଥ୍ୟ ଓ ଯୌବନକୁ ଭୋଗ ବିଳାସରେ ନ ଲଗାଇ ସବୁ କଥାରେ ସରକାରକୁ ବା କପାଳକୁ ଦୋଷ ନ ଦେଇ ସାମାନ୍ୟ ପ୍ରକାରେ ସଂଯମୀ ହେଲେ ନିଶ୍ଚୟ ପରିବାରର ଓ ଦେଶର ସମସ୍ତଙ୍କର ଭଲ ହେବ । ଏତେ ପ୍ରକାର ମେଳା, ମହୋତ୍ସବ, ଜଡ଼ିବୁଟି, ତାଉଁରିଆ ଓ ଓଷାବ୍ରତ ଦରକାର ହେବ ନାହିଁ ।

ଲୋକସଂଖ୍ୟା କମାଇବାକୁ ଓ ଦେଶର ଖାଦ୍ୟ ସମସ୍ୟା ଦୂର କରିବାକୁ ପ୍ରତ୍ୟେକ ଗ୍ରାମ ଓ ସମୂହ ଭାବରେ ପ୍ରତ୍ୟେକ ଦେଶକୁ ବିବ୍ରତ ହେବାକୁ ପଡ଼ିବ ନାହିଁ । ଅକାଳମୃତ୍ୟୁ, ଅକାଳବାର୍ଦ୍ଧକ୍ୟ ଦୋଷ ମଧ୍ୟ ଲାଗିବ ନାହିଁ ।

ଜନ୍ମ ମୃତ୍ୟୁର ସହଜରେ ପ୍ରତିକାର ନାହିଁ । କିନ୍ତୁ ଏହି ଦୈବ୍ୟ ଶକ୍ତିକୁ ମଣିଷ ତାହାର ସାମାନ୍ୟ ଚେଷ୍ଟାରେ ନିଜର

ବସ୍ତୁରବୁଦ୍ଧି ଖଟାଇ ସହଜରେ ନିଜର ମନ ଅନୁସାରେ ଗଢ଼ି ନେଇ ପାରିବ। ନିଜର କାନ୍ଧରେ ଭାର ନ ବଢ଼ାଇଲେ ଅତି ସାଧାରଣ ଅବସ୍ଥାରେ ସୁଖଶାନ୍ତି ଆସିବ।

## ତେବେ ଆମର ଅଭାବ କ'ଣ ?

ପ୍ରକୃତରେ ମନର ଅଭାବ ଯୋଗୁଁ ସମସ୍ତ ଅସୁବିଧା ହେଉଛି ଯେତେ ବଡ଼ ଧନୀ ଲୋକ ହେଉ ପଛକେ ଧନର ଅଭାବରୁ କେହି ମୁକ୍ତ ନୁହନ୍ତି। କଥାରେ ଅଛି—'ଯେତେ ବାଉଁଶ ସେତେ ପୋଲ' ଅର୍ଥାତ୍, ଧନୀଲୋକର ଅଭାବ ବେଶି। ଗରିବ ଲୋକର ତ ନିଶ୍ଚୟ ଅଭାବ ଅଛି। ତେବେ କ'ଣ ତାର କିଛି ସୁବିଧା ହେବ ନାହିଁ ?

ହେବ। ଯଦି ସେ ମନକୁ ଊଣା ନ କରେ, ଆଉ ମନରେ ଗୋଟିଏ ସାଧାରଣ ଆଦର୍ଶ ରଖେ ; ତାର ସମସ୍ତ ଅଭାବ ଭିତରେ କେବଳ ସେ ଆଦର୍ଶକୁ ଲକ୍ଷ୍ୟ ରଖି ନିଜ ପିଲାଙ୍କୁ ଗଢ଼ି ପାରିବ। ନିଜ ଜୀବନରେ ଯାହା ଭୁଲ ହୋଇଛି, ନିଜର ଦୋଷ ଦୁର୍ବଳତାରୁ ଓ ବଦ ଅଭ୍ୟାସରୁ ଯାହା କ୍ଷତି ହୋଇଛି, ସେତିକ ସେ ଦୂର କରି ପାରିବ। ତା'ର ପିଲା କେବଳ ତାକୁ ଚାହିଁ ମଣିଷ ହେଉଛି। ତେଣୁ ତା'ର ଦୃଷ୍ଟି ଆଗରେ ସବୁବେଳେ ଭଲ ଜିନିଷ ପଡ଼ୁ—ଏତିକି ଯଦି ତା'ର ଲକ୍ଷ୍ୟ ରହେ, ତେବେ ସେ ନିଜକୁ ଯଥେଷ୍ଟ ପରିମାଣରେ ସଂଶୋଧନ କରି ପାରିବ।

କିନ୍ତୁ ସେହି ଯଦି ମନକୁ ଊଣା କରି ଅବା ଦୁର୍ବଳ କରି ନିଜେ 'ଘାସକୁ ଶ୍ରେଷ୍ଠ ବେଣାକୁ ମୋଟ' ବୋଲି ସବୁବେଳେ ଭାବି ବସେ, ତାହାହେଲେ ସେ ନିଜ ଅବସ୍ଥା ତ ସୁଧାରି ପାରିବ ନାହିଁ; ପିଲାକୁ ମଧ୍ୟ କିଛି ଶିଖାଇ ପାରିବ ନାହିଁ । ସଂସାରରେ ଭଲ ଜିନିଷ, ଭଲ କଥା କେଉଁଗୁଡ଼ିକ,ଜାଣିବା ପାଇଁ ବିଶେଷ ବୁଦ୍ଧି ବା ବିଚକ୍ଷଣତା ଦରକାର ହୁଏ ନାହିଁ । ମନର ଅଭାବ ନ ହେଲେ, ନିଜ ଉପରେ ଆସ୍ଥା ରଖିଲେ ଯେ କୌଣସି ବାପମା ପିଲାକୁ ଅତିରିକ୍ତ ଧନ, ବୁଦ୍ଧି ବା ସ୍ୱାସ୍ଥ୍ୟ ଦେଇ ନ ପାରିଲେ ବି ଅବଶ୍ୟ ତାକୁ ଭଲ ମଣିଷ କରି ଗଢ଼ି ପାରିବେ ।

ଯଦି ସମସ୍ତେ ଏମିତି ଠିକଏ ଠିକଏ କରି ନିଜ ପିଲାଙ୍କର ଯତ୍ନ ନିଅନ୍ତି, ତେବେ ପନ୍ଦର କୋଡ଼ିଏ ବର୍ଷରେ ସେହି ସ୍ଥାନ, ଅଞ୍ଚଳ ବା ଦେଶର ଅବସ୍ଥା ବଦଳିଯିବ ।

ଏଥିରେ ବେଶି ଦାୟିତ୍ୱ ମା'ମାନଙ୍କର । ଆମର ତ କଥା ଅଛି—'ଧାନକୁଟୁଣୀ ମା ଥିବ, ଘୋଡ଼ାଚଢ଼ା ବାପ ନ ଥିବ'— ତେବେ ପିଲାଙ୍କର ଭବିଷ୍ୟତ ଉଜ୍ଜ୍ୱଳ । ଏଥିରୁ କ'ଣ ବୁଝାଯାଉ'ନାହିଁ ଯେ ପିଲାଙ୍କର ଉନ୍ନତି ପାଇଁ ଧନ ଅଭାବ ନିର୍ବିଶେଷରେ କେବଳ ମା ଦ୍ୱାରା ବିଶେଷ ଉପକାର ମିଳିବ ।

## ଯଦି ମା'ର ବୁଦ୍ଧି ନ ଥାଏ

ପିଲାକୁ ଯେ ଜନ୍ମ କରିଛି ସେ ନିଶ୍ଚୟ ପିଲାକୁ ବଢ଼ାଇ ପାରିବ । ତେଣୁ ପ୍ରତ୍ୟେକ ମା ତା'ର ପିଲାମାନଙ୍କୁ ଚଳାଇବାକୁ ବିଶେଷ ଭାବରେ ସମର୍ଥ । ପିଲାର ଭଲମନ୍ଦ ହୁଏ ତ ସେ ସମ୍ପୂର୍ଣ୍ଣ

ଘରେ ବୁଝି ନ ପାରେ ; କିନ୍ତୁ ପିଲାକୁ ବହୁତ ଭଲକଥା ଶିଖାଇବା ତା'ର କ୍ଷମତାର ଭିତରେ । ଏହି କାରଣରୁ ଯେବେ ପ୍ରତ୍ୟେକ ମା ମନର ଅଭାବ ନ କରନ୍ତି, ତେବେ ସେମାନେ ସୁନ୍ଦର ସମାଜ ଗଢ଼ି ପାରିବେ ।

ପିଲାର ଦେହ ଭଲ ରହୁ—ଏଇଟା ତ ପ୍ରତ୍ୟେକ ମା'ର ପ୍ରଧାନ କାମନା । ଭଲ ରହିବା ପାଇଁ ସଫାସୁତୁରା ରହିବା ଦରକାର । ବଡ଼ଲୋକଙ୍କ ଘରେ ଶେଜ-ସୁପାତି ବହୁତ ଅଛି । ପିଲାଙ୍କର ଜଗାରଖା କରିବାକୁ ଦାସଦାସୀ ଖଟୁଛନ୍ତି । ଗରିବ ଲୋକର ସେତିକି ସୁବିଧା ନ ଥାଇପାରେ ; କିନ୍ତୁ ଯେତେ ଗରିବ ହେଉ ପଛକେ, ପ୍ରତ୍ୟେକ ମା ଇଚ୍ଛା କଲେ, ପ୍ରତିଦିନ ନିୟମ କଲାପରି, ତା'ର ପିଲାକୁ ଭଲରୂପେ ତେଲ ହଳଦୀ ଲଗାଇ ଆଖିରେ କଜଳ ଦେଇପାରିବ ।

ସେ ହୁଏ ତ ସ୍ୱାସ୍ଥ୍ୟରକ୍ଷାର ନିୟମ ଜାଣେ ନାହିଁ । କିନ୍ତୁ ପ୍ରତ୍ୟେକ ସମାଜରେ ପିଲାକୁ କେମିତି ସୁସ୍ଥ ରଖିବାକୁ ହୁଏ—ତା'ର ନିୟମ ଏମିତି ପୁରୁଷ ପୁରୁଷ ଚାଲି ଆସିଛି । ସେତିକି ନିୟମ ଭୁଲିଲେ, ହାତ ଅଳସ କରି ବସି ରହିଲେ ପିଲା ଭଲ ହେବ ନାହିଁ । ତେଣୁ ଖରା, ପାଣି ଓ ମାଟି ମଣିଷର ପ୍ରତିଦିନର ଦରକାରୀ ଜିନିଷ ବୋଲି ମା ଜାଣିପାରିବ ।

ବଡ଼ ଲୋକଙ୍କ ଘରେ ପିଲାଙ୍କ ଗୋଡ଼ରେ ମାଟି ଲାଗୁ ନାହିଁ । ସେମାନେ ଚଳେ ନ ରହି ଦୋଳା ଉପରେ, ନ ହେଲେ କାହାର କାଖରେ କାନ୍ଧରେ ବସିରହୁଛନ୍ତି । ଗରିବ ଲୋକ ଭାବିବ ଯେ ମୋ ପିଲାର କିଛି ହୋଇପାରିଲା ନାହିଁ ।

କିନ୍ତୁ ପ୍ରକୃତରେ ତା' ନୁହେଁ । ଏବେ ପରୀକ୍ଷା କରି ଦେଖାଗଲାଣି ଯେ ତେଲ ନ ଲଗିଲେ ଦେହରେ ନାନା ପ୍ରକାର

ଚର୍ମ ରୋଗ ହୁଏ । ପ୍ରତିଦିନ ନ ଗାଧୋଇଲେ ଦେହ ଭଲ ରହେ ନାହିଁ । ଦେହରେ ଖରା ନ ବାଜିଲେ ସବୁବେଳକୁ ରୋଗ ଲାଗି ରହେ । ଗୋଡ଼ ହାତରେ ମାଟି ନ ଲାଗିଲେ ଦେହକୁ ହିତ କରେ ନାହିଁ ।

ସେଥିପାଇଁ ଜଳ ଚିକିତ୍ସା, ପ୍ରାକୃତିକ ଚିକିତ୍ସା ଇତ୍ୟାଦି ନାଁ ଦେଇ ବହୁତ ବଡ଼ଲୋକ ନିଜକୁ ଏଇ ସୃଷ୍ଟିର ମାଟି, ପାଣି, ପବନ ସାଙ୍ଗରେ ମିଶାଇ ସ୍ୱାସ୍ଥ୍ୟର ଉନ୍ନତି କରୁଛନ୍ତି । କିନ୍ତୁ ଗରିବ ଲୋକର ପିଲା ପିଲାଦିନରୁ ଏସବୁ ସହିତ ମିଶି ରହିଥିବାରୁ ଅଳ୍ପ ରୋଗରେ ପଡ଼ୁଛନ୍ତି ଓ ଅଳ୍ପ ଚିକିତ୍ସା ନେଉଛନ୍ତି । ବଡ଼ଲୋକଙ୍କର ପିଲା ଯେତେ ମଉଜରେ ବଢ଼ିଲେ ବି ବୟସ ହେଲାବେଳକୁ ଏକାବେଳକେ ନିକମା ପାଲଟିଯାଉଛନ୍ତି ।

ଏବେ ତ ଯୁଗ ବଦଳିଲାଣି । ଖଟିଖିଆ ଲୋକଙ୍କର ମୂଲ୍ୟ ଦିନକୁ ଦିନ ବଢ଼ୁଛି । ଏପରି ଅବସ୍ଥାରେ ଯଦି ମା'ମାନେ ତାଙ୍କର ପିଲାଙ୍କୁ ସୁସ୍ଥ ସବଳ ରଖିବାକୁ ଚେଷ୍ଟା କରନ୍ତି, ତେବେ ଖାଲି ସେଇ ଗୋଟିଏ ପ୍ରକାର ପୁଞ୍ଜିରେ ସେମାନେ ପିଲାଙ୍କୁ ବହୁତ ଦିନକୁ ବହୁତ ଧନ କମାଇବାର ଉପାୟ ଦେଇ ଯିବେ ।

ଏବେ ସମସ୍ତେ ଜାଣନ୍ତି ଯେ ଗୋଟିଏ କୁଲି ମାସକୁ ଯାହା କମାଏ, ଅଧିକାଂଶ ଅମଲା ଅବା ପାଠପଢ଼ା ଲୋକେ ସେତିକି କମାଇ ପାରୁନାହାନ୍ତି ।

ତେବେ ତାଙ୍କର ବୁଦ୍ଧି ତାଙ୍କର କି ଉପକାର କଲା ? କିଛି ତ କଲା ନାହିଁ ! ଆମର ଦେଶଟାରେ ସେମାନଙ୍କୁ ନିକମା କରିଦେଲା । ଈଶ୍ୱର ଦେଇଥିବା ହାତଗୋଡ଼, ନାକ କାନ ସେମାନଙ୍କର କିଛି କାମରେ ଲାଗିଲା ନାହିଁ । ବାହାର ଚାକିରି ନ ମିଳିଲେ ଅବା ତାଙ୍କୁ

ଦେବାକୁ ଅଣ୍ଟାରେ ପଇସା ନ ଥିଲେ ତାଙ୍କର ସବୁ ବିଦ୍ୟାବୁଦ୍ଧି ବିଣା ହୋଇଗଲା ।

ମାଆମାନେ ଯଦି ଖାଲି ପିଲାର ସ୍ୱାସ୍ଥ୍ୟ ଭଲ ରଖିବାର ଚେଷ୍ଟା କରନ୍ତି, ତେବେ ଯଥେଷ୍ଟ କରି ପାରିବେ । ଏଠିକରେ ସନ୍ଦେହ ଆସିବ ଯେ ଆମର ତ ଦାନା କନା ନାହିଁ, ଆମେ କେମିତି ପିଲାଙ୍କୁ ଭଲରେ ରଖିବୁ ? ବଡ଼ ଲୋକଙ୍କ ଘରେ ସେମାନେ ସବୁବେଳେ ଭଲ ବେଶ ପୋଷାକ ପକାଇ ରହୁଛନ୍ତି । ଦେଖି ଶିଖି କଏ କେମିତି ଛିଣ୍ଡା ନେଙ୍କଡ଼ା ନେଇ ପିଲାକୁ ପିନ୍ଧାଉଛି ।

## ଏମିତି ମାଗି ପିନ୍ଧାଇବା କ'ଣ ଉଚିତ ?

ପ୍ରତ୍ୟେକ ବାପ ମା ଟିକଏ ଭାବିଲେ, ଏଇ କଥାଟି ନିଶ୍ଚୟ ସୁଧାରି ନେଇପାରିବେ । ନିଜର ପିଲାକୁ ପିଲା ଦିନରୁ ଅତି ଦୁର୍ଗତିରେ ନ ପଡ଼ିଲେ ମାଗି ଯାଚି ଛିଣ୍ଡା ପିନ୍ଧାଇବା ଉଚିତ ନୁହେଁ । ଏଥିରେ ଅବା କ'ଣ କାମ ! ଆଉ ସେହି ଜିନିଷକୁ ସଫା ସୁତୁରା ନ ରଖି ପାରିଲେ ତାକୁ ପିନ୍ଧାଇବାରେ ବା କି ଲାଭ !

ବରଂ ପିଲା ଦେହକୁ ଫୁଙ୍ଗୁଳା ରଖିବା ଭଲ । ଧୀରେ ଧୀରେ ଦେହ ଖରା, ଶୀତ, ବର୍ଷା ସହିଯିବ । ତା' ନ କରି ଖଡି ଗଦାରୁ ଗୋଟାଇ ଆଣି କନା-କବଟା ପିନ୍ଧାଇଲେ ପିଲାର ସବୁ ଦିନକୁ ଏଇ ମାଗି ବୁଲିବା ଅଭ୍ୟାସ ରହିବ । ଆଉ ସେ ସମସ୍ତଙ୍କ ପାଖରେ ନ୍ୟୂନ ହୋଇଥିବ ।

ଏଥିରୁ ବୁଝାଯାଉଛି ଯେ ଜିନିଷର ଅଭାବ ଯେତେ ବଡ଼ କଥା ନୁହେଁ, ମନର ଅଭାବ ସେତିକି'ଗୁ ଗୁରୁତର ।

ଯେ ନିଜକୁ ଦରିଦ୍ର ବୋଲି ଭାବେ, ସେଇ ପ୍ରକୃତରେ ଦରିଦ୍ର । କିନ୍ତୁ କିଛି ନ ଥାଇ ମନର ଠେକ ରଖି ପାରିଲେ ସେ ପ୍ରକୃତରେ ଧନୀ । ବଡ଼ ଲୋକର କ'ଣ ସବୁ ଥାଏ ?

ଯାହାର ଦଶ ମାଣ ଜମି ଅଛି, ତା'ର ତ ଦଶ ବାଟି ଜମି ନାହିଁ । ଯାହାର ସାଇକେଲ ଅଛି ସେ ତ ମଟର ରଖିନାହିଁ । କଏ ଛୋଟ ସହରରେ ରହୁଛି ତ ବଡ଼ ସହରରେ ଭଡ଼ାଘର କରିବାକୁ ପଇସା ନାହିଁ ବୋଲି ଯାଇପାରୁ ନାହିଁ ।

ରେଲଗାଡ଼ି ଆଉ ମଟର ଗାଡ଼ିରେ ଯାତ୍ରୀ ପରି ସମସ୍ତେ ଆପଣା ସଙ୍ଗୀଙ୍କୁ ନୁହଁ ଉପର ତଳ ଶ୍ରେଣୀରେ ଯା'ଆସ କରୁଛନ୍ତି । ସମସ୍ତେ ଏକାପରି ନୁହନ୍ତି । ସମସ୍ତେ ତ ମାଗିଯାଚି ସୁବିଧା କରୁ ନାହାନ୍ତି । ସମସ୍ତେ ମାଗି ବୁଲିଲେ କି କ'ଣ ତାଙ୍କୁ ମିଳିବ ?

ତେବେ ପିଲାପାଇଁ ଛିଣ୍ଡାନେକଡ଼ା ଗୋଟାଇବା କ'ଣ ଏତେ ଦରକାର ? ମା କ'ଣ ପିଲାକୁ ଏତିକି ଶିଖାଇପାରିବ ନାହିଁ ? ଖୁବ୍ ସହଜରେ ଶିଖାଇ ପାରିବ ।

ପିଲାକୁ ଏମିତି ଚଳାଇଲେ, ତାକୁ ପର ଅଇଁଠା, ପର ଲୁଗା ପିନ୍ଧାଇଲେ ଅବଶ୍ୟ ପିଲା ଠକିଲା ହେବ, ଚୋରି କରିବ, ମାଗି ବୁଲିବ । ଏ କଥା କ'ଣ କେହି ବୁଝେଁ ? ଯଦି ମନକୁ ମନ ସମସ୍ତେ କହନ୍ତି ସେ ବଡ଼ ହେଲେ ବୁଦ୍ଧି ହୋଇଯିବ, ତେବେ ସେ କଥା କ'ଣ ଠିକ୍ ? ବୁଦ୍ଧି ହେଲେ ପିଲାଦିନରୁ ଦେଖିଥିବା ଓ ଶିଖିଥିବା ଅଭ୍ୟାସ କ'ଣ ବଦଳିଯିବ ?

# ପିଲା ଶିଖେ କେମିତି ?

ଖାଲି ମଣିଷ ନୁହନ୍ତି, ପଶୁ ପକ୍ଷୀ ମଧ୍ୟ ଦେଖି ଚାହିଁ ଶିଖନ୍ତି, ପିଲା ସେମିତି ପିଲାଦିନରୁ ଯାହା ପ୍ରଥମରେ ବୁଝେ ସେତିକି ଶିଖେ । ପ୍ରଥମେ ଶିଖିଥିବା ବିଷୟ ସହଜରେ ଦୂର କରି ହୁଏ ନାହିଁ । ପିଲା ମା ବାପଙ୍କର ଚଳଣିରୁ ସବୁ ଶିଖେ ।

ବାପମା କଳି କରୁଛନ୍ତି । ବାପା ମା'ର ଚୁଟି ଧରି ମାଡ଼ ଚଢ଼ାଉଛି । ଆପଣା ଭିତରେ ସ୍ନେହଶ୍ରଦ୍ଧା ନ ଥାଇ ଯେମିତି ସେମିତି ବଣୁଆ ଜନ୍ତୁଙ୍କ ପରି ସେମାନେ ହେଉଛନ୍ତି ।

ତେବେ ପିଲା ଠିକ ଅରଣାଙ୍କ ପରି କ'ଣ ହେବ ନାହିଁ ? ମା ବାପ ଯେତେ ଠାକୁରଙ୍କ ପାଖରେ ମାନସିକ କର୍ଲେ ବି ପିଲା ନଷ୍ଟ ବିଗିଡ଼ିବ । ସେ ନିଜେ ଯାହା ଦେଖିଛି ସେଥିରୁ ଅଲଗା ହୋଇ ପାରିବ ନାହିଁ । ସେ ବାପମାକୁ ବଡ଼ ଆଖିରେ ଦେଖେ । ତାଙ୍କ ଭିତରେ ଯଦି ପିଟାପିଟି ଓ ବକାବକି ଶୁଣିବ, ତେବେ ସେ ତା'ର ଭାଇ ଭଉଣୀଙ୍କୁ, ପଡ଼ିଶାଅଡ଼ିସାଙ୍କୁ ସେୟା ନ କରି ଆଉ ଅଲଗା କ'ଣ କରିବ ?

ଶେଷକୁ ସେ ଗୁଣ୍ଡାଶ୍ରେଣୀରେ ନାଁ ଲେଖାଇବ । ମାଡ଼ ଖାଇବ । କଚେରିରେ ମକଦ୍ଦମାରେ ପଡ଼ିବ । କାମ ମାରି କରି ଘରଡ଼ିହ ବିକି ବା ବନ୍ଧା ଦେଇ ସେ ଉଜାଡ଼ିବ । କେତେ ଶ୍ରେଷ୍ଠ କଥାରୁ କେତେ ବଡ଼ କଥା ନ ହେଲା ? ବାପମା ଆପଣା ଭିତରେ ଭଲ ସମ୍ବନ୍ଧ ରଖି ନ ପାରିଲେ ପିଲା ଶେଷକୁ ସେଇଆ ଶିଖି ଦୁନିଆ ସାଙ୍ଗରେ ଉତ୍ପାତ କଲା ।

ତେଣୁ ବାପମା ଯଦି ଟିକିଏ ବୁଝି ବିଚାରି ପିଲାକୁ ଭଲ କଥା ଶିଖାଇବାକୁ ନିଜକୁ ଭଗମାପରେ ଚଳାଇବେ, ତେବେ ପିଲା ଅବଶ୍ୟ ନିଜର ଭାଇଭଉଣୀ ସାହିପଡ଼ୋଶୀ ସମସ୍ତଙ୍କର ପ୍ରିୟ ହେବ ।

ବାପମା ଯଦି ଆପଣା ଦୁଃଖ ସୁଖରେ ଚଳିବେ, ନିଜର ଘେଟିଆ ଘର ବଖରାକ ବାସ୍ନା ଚଡ଼େଇ ବସାପରି ସୁରୁଖୁରା କରି ରଖିବେ, ଆଉ ପିଲାକୁ ଗୁଡ଼ାଏ ପର ଜିନିଷ ନ ଦେଇ ନିଜର ସାମାନ୍ୟ ଅର୍ଜନରୁ ଅଳପ ବନ୍ଦୋବସ୍ତ କରିବେ, ତେବେ ପିଲା ଯାହା ହୋଇଥାନ୍ତା, ତାହାଠାରୁ ଭଲ ହେବ ନାହିଁ ବୋଲି କିଏ କହିବ ?

ବାପ ମା ପରିଶ୍ରର ପାରନ୍ତି ଯେ ପିଲା ଯେବେ କୌଣସି ଜିନିଷ ନ ପାଏ, ତେବେ ସେ କ'ଣ ଚୋରି କରିବ ନାହିଁ; ଠକିଲା ହେବ ନାହିଁ; ମାଗି ବୁଲିବ ନାହିଁ ବା ମିଛ କହିବ ନାହିଁ ?

## ପିଲା ଚୋରିକଲେ କଣ କରିବ

ପର ଜିନିଷ ଉଠାଇବା ହେଉଛି ଚୋରି । ଆପଣା ବୁଦ୍ଧି ବଳରେ, ବାହୁବଳରେ ଅରଜି ଆଣିଲେ ସେଇଟା ଭଲ କଥା ।

ପ୍ରତ୍ୟେକ ପିଲା ଏବେ ପଇସା କିଆ ବୁଝେ । ପୁରୁଷ ପୁରୁଷ ଧରି କେତେ ପୀଢ଼ି ହେଲାଣି ଆମେ ପଇସା ପଛରେ ଏମିତି ଭାବରେ ଧାଇଁଛୁ ଯେ ସାନପିଲାଟିଏ ବି ପଇସା ଦେଖାଇଲେ ନେବାକୁ ଧାଇଁ ଆସୁଛି । ତେଣୁ ସେ ପଇସା ଦେଖିଲେ ଚୋରି କରିବ ନାହିଁ ବୋଲି କିଏ କହିବ ?

ପିଲା ଯେବେ ଦେଖିଲା ଯେ ବାପମା ପଇସା ରଖିଛନ୍ତି; ସେ ତ ହାତଉଠା କରିବ—କିଏ କମ୍‌··କିଏ ବେଶି ।

ବାପମା ତ ବୁଝି ପାରିବେ ତାଙ୍କ ପିଲା ଲୋଭୀ ହୋଇଥିଲେ ସେ ନିଶ୍ଚୟ ପରଧନ ଆଣି ନିଜ ବଡେଇ କରିବାକୁ ଚାହିଁବ । ଏଇ ଲୋଭ ପିଲାଟି ବାପମାଙ୍କ ଠାରୁ ପାଇଛି କି ନାହିଁ—ଏ କଥା ନିଜେ ବାପମା ବୁଝିଲେ ଜାଣିପାରିବେ । ସେମାନେ ଲୋଭୀ ହୋଇଥିବାରୁ ତାଙ୍କର ଗୁଣ ପିଲାଙ୍କ ପାଖକୁ ଆସୁଛି । ଆଉ ସେମାନେ ଲୋଭୀ ପିଲା ଖୋଜୁ ନାହାନ୍ତି, ତେବେ ତାଙ୍କର ପଛପିଲା ଗୁଡ଼ିକ ଲୋଭୀ ହେବେ ନାହିଁ । କାରଣ ବାପମାଙ୍କର ମନ ସଂଶୋଧନ ହୋଇଛି ।

ବାପମା ଦେଖିଲେ ଯେ ପିଲା ଲୋଭ ଆଉ ଚୋରି କରୁଛି । ସେଇଠି କଥା ଉଠିବ ଯେ ପିଲା ପାଖରେ ଟଙ୍କା ପଇସା ନରହିବା ଉଚିତ । କିନ୍ତୁ ପିଲାର ତ ବୁଦ୍ଧି ଅଛି । ସେ ସହଜରେ ବୁଝି ପାରିବ ଯେ ବାପମା ତାକୁ ପଇସା ଲୁଚାଉଛନ୍ତି । ସେ ଠାବ କରିବ, ଆଉ ସୁବିଧା ପାଇଲେ ସେଥିରୁ ଚୋରି କରିବ ।

କେହି ତ ପିଲାବେଳୁ ବଡ଼ ଚୋରି କରେ ନାହିଁ । ବାପାମାଙ୍କର ହେଲେ ବି ସମୁଦାୟ ପଇସା ଉଠାଇବ ନାହିଁ । ପଇସା ନେଉଛି ବୋଲି ଜାଣିଲେ ତାକୁ 'ଚୋର' 'ଚୋର' କହି ଅପମାନ ଦେବା ଉଚିତ ନୁହେଁ । ଟଙ୍କା ପଇସା ଲୁଚାଇ ରଖି କିଛି ପଇସା ଆଖି ଆଗରେ ସୁମାରି କରି ରଖିଲେ ତା'ର ଚୋରି ଜଣାପଡ଼ିବ ।

ପିଲାକୁ ପଚାରିଲେ ସେ ତ ଫାଙ୍କିବ । ସେତେବେଳେ ତାକୁ ମାଡ଼ ଦେଲେ ସେ ତିନୋଟି ଦୁର୍ଗୁଣ ଶିଖିବ । ପ୍ରଥମେ ହେଲା—କୌଶଳରେ ଚୋରି କରିବ । ଅର୍ଥାତ ଖରାପ ବାଟରେ ବୁଦ୍ଧିକୁ ଚଳାଇବ । ଦ୍ୱିତୀୟରେ ହେଲା—ମିଛ କହିବ । ଅର୍ଥାତ୍ ସତ କଥା କହିବାର ସାହସ ହରାଇବ । ଶେଷରେ ହେଲା—ଜିଦ୍ ବଢ଼ିବ—ଆଉ ତାହା ପୁଣି ଖରାପ ବାଟରେ । ମାଡ଼ ଖାଇଲେ ଏଇ ତିନୋଟି ଦୋଷ ବାହାରୁଛି ।

ତେଣୁ ମାଡ଼ ନଦେଇ, ଚୋର ଚୋର ବୋଲି ଅପମାନ ନଦେଇ ମା ଯଦି ସ୍ନେହରେ ପିଲାକୁ ବୁଝାଏ, ଆଉ ତାକୁ କହେ—ସବୁ ଜିନିଷ ତୋ'ର, ତେବେ ପିଲା ଧୀରେ ଧୀରେ ଚୋର ଅଭ୍ୟାସ ଭୁଲିବ । ତା'ର ମନ ପଇସା ଚୋରି, ମିଛ କହିବା ଓ ଲୋଭ କରିବା ଆଡ଼ୁ ବଦଳିବ ।

ଯେ ପିଲାକୁ ସ୍ନେହ କରେ, ତା' ପାଖରେ ପିଲା ବିଶ୍ୱାସ ହରାଏ ନାହିଁ । ଆଉ ଥରେ ପିଲାର ବିଶ୍ୱାସ ପାଇଗଲେ, ମା'ବାପ ପିଲା ଜିମାରେ ଟଇସାପଇସ ମଧ୍ୟ ଦେଇ ପାରିବେ । ଅର୍ଥାତ ଗୋଟିଏ ଚୋର ପିଲାକୁ ସେମାନେ ଜଗୁଆଳି କରି ପାରିବେ ।

କାହିଁକି ହେବ ନାହିଁ ? ନେଉଳ, କୁକୁର ଓ ବିରାଡ଼ି ପରି ଜନ୍ତୁମାନେ ଯଦି ପିଲାମାନଙ୍କୁ ଜଗାରଖା କରି, ନିଜେ ଜୀବନ ଦେଇ ପିଲାମାନଙ୍କୁ ରକ୍ଷା କରିଥିବାର ଶହ ଶହ ଘଟଣା ରହିଛି ; ତେବେ ପିଲାକୁ ଶିଖାଇଲେ ପିଲା ଭଲ ନ ହେବ କାହିଁକି ?

## ପିଲାଙ୍କର ମିଛ କହିବା ଅଭ୍ୟାସ କେମିତି ବଦଳାଇବ ?

ସାଧାରଣରେ ବାପମା ପିଲା କାହିଁକି ମିଛ କହୁଛି ନବୁଝି, ତାକୁ ମାଡ଼ଗାଳି ଦେଇ ସଂଶୋଧନ କରିବାକୁ ଚାହାନ୍ତି । ଏହାର ଫଳରେ ଏତିକି ହୁଏ ଯେ ପିଲା ଜିଦ୍ କରି ମିଛ କହିବା ଅଭ୍ୟାସ ଛାଡ଼େ ନାହିଁ । ଆଉ ମନରୁ ଗଢ଼ି ଅନ୍ୟମାନଙ୍କ ଉପରେ ଦୋଷ ଲଦେ ।

ଏମିତି କରୁ କରୁ ସେ ଠକିବା ଅଭ୍ୟାସ ଶିଖେ—ମିଛ କହି ଠକିବ । ଧୀରେ ଧୀରେ ସମସ୍ତଙ୍କୁ ଠକିବାକୁ ମୁହଁ ଭୁରୁଡ଼ି ବଢ଼ି ଉଠେ । ମିଛୁଆ, ଭୁରୁଡ଼ା ମଣିଷଙ୍କୁ ବଦଳାଇବା ଭାରି କଷ୍ଟ ହୁଏ ।

ଛୋଟିଆ ବିଷୟରୁ ଆରମ୍ଭ ହୋଇ ଶେଷକୁ ବଡ଼ ଦୋଷଟିଏ ହୁଏ । ବାପମା ଯଦି ପିଲାର ଭୁଲ ଦେଖି ତାକୁ ସଂଶୋଧନ କରିବାରେ ସାହାଯ୍ୟ କରନ୍ତି, ସେ ଭୁଲ୍ କରିଛି କି ଠିକ୍ କରିଛି ଏତକ ବିଚାର କରିବାରେ ତାକୁ ସାହାଯ୍ୟ କରନ୍ତି, ତେବେ ସେ ମିଛ କହନ୍ତା ନାହିଁ ।

ମାଡ଼ ଡରରେ, ଅର୍ଥାତ୍ ଖାଲି ଭୟରେ ମଣିଷ ପ୍ରଥମେ ମିଛ କହିବା ଶିଖେ । ଏଇଟା ବଢ଼ି ବଢ଼ି ଦିନକୁ ବହୁତ ଦୋଷ ରୂପେ ଦେଖାଦିଏ । କିଏ କାମକୁ ଠକୁଛି ତ କିଏ ପରୀକ୍ଷାକୁ ଯିବାପାଇଁ ଛଟା ଗାଳୁଛି । ଦେହ ଖରାପ ହୋଇଛି ବୋଲି ମିଛରେ କହୁଛି । ଘରର ଜିନିଷ ଲୁଚେଇଦେଇ କିଏ ନେଇଗଲା ବୋଲି ପରମୁଣ୍ଡରେ ଦୋଷ ବୋଳୁଛି ।

ତେଣୁ ବାପମା ମନେ ରଖିବା ଉଚିତ ଯେ ପିଲାକୁ ମିଛ କହିବାର ଦେଖିଲେ ସେମାନେ ମାଡ଼ ନ ଦେଇ ତା'ର ମିଛ ଛଡ଼ାଇବାକୁ ଧୈର୍ଯ୍ୟର ସହିତ ତା' ସାଙ୍ଗରେ ସହଯୋଗ କରି ତା କଥା ବୁଝିବେ ।

ପିଲା କଥା ବୁଝିଲେ ପିଲା ମିଛ ନ କହି ପ୍ରକୃତ କଥା କହିବ । ସେଇ କଥାଟି ଭଲକରି ବୁଝାଇବାରେ ତାକୁ ସାହାଯ୍ୟ କଲେ ସେ ସବୁ ବିଷୟରେ ଭଲ ହେବ ।

ସ୍କୁଲକୁ ଗଲାବେଳେ ପାଠକୁ ଡରିବ ନାହିଁ । ଲୁଚି ଲୁଚି ଖେଳିବ ନାହିଁ । କାମ-ଚୋର ହେବ ନାହିଁ । କାରଣ ତା'ର

ସବୁବେଳେ ଭରସା ରହିବ ଯେ ତାର ସୁବିଧା ଅସୁବିଧା ବାପମା ବୁଝୁଛନ୍ତି । ବଡ଼ ହୋଇଗଲେ ତାର ମନର ବଳ ଦିନକୁ ଦିନ ବଢ଼ିବ, ଆଉ ସେ ଉପଯୁକ୍ତ ମଣିଷଟିଏ ହେବ ।

## ଭୟାଳୁ ପିଲାଙ୍କର ଭୟ କିପରି ଦୂର କରିବ ?

ଭୟାଳୁ ଭିତରେ ଦୁଇଟି ଶ୍ରେଣୀ ଅଛି । ଗୋଟିଏ ହେଲା ଭୟାଳୁ, ଆଉ ଗୋଟିଏ ହେଲା ଡରୁଆ । ଡରୁଆ ପିଲାଙ୍କ କଥା ପ୍ରଥମେ ଭାବିବା ଉଚିତ୍ ।

ଯେଉଁମାନେ ପିଲାଦିନରୁ ନିଜର ଅଭାବ ଯୋଗୁଁ ସବୁ ଜିନିଷରୁ ଦୂରରେ ରହିବାକୁ ବାଧ୍ୟ ହୁଅନ୍ତି, କୌଣସି କଥା କହିବାରେ ଅବା କରିବାରେ ସେମାନଙ୍କୁ ଭରସା ମିଳେ ନାହିଁ, ସେମାନେ ଡରୁଆ ହେବା ସ୍ୱାଭାବିକ ।

ତେଣୁ ବାପମାଙ୍କର ଦାୟିତ୍ୱ ବେଶି । ଡରୁଆ ପିଲାର ଡର ଭାଙ୍ଗିବା ପାଇଁ ସେମାନେ ଚେଷ୍ଟା କରିବା ଉଚିତ । ଜୋର ଜବରଦସ୍ତି ନକରି ଧୀରେ ଧୀରେ ଡର ଭାଙ୍ଗିବ ।

ଥରେ ବର୍ଷାବେଳେ ଗୋଟିଏ ବଡ଼ ଚଡ଼ଚଡ଼ ନଡ଼ିଆ ଗଛରେ ଖସିଲା । ଘୋର ଶବ୍ଦବେଳେ ପିଲାଟିଏ ଦେଖିଲା ଯେ ନଡ଼ିଆ ଗଛ ମୂଳରୁ ଗୋଟିଏ ଭୂଆ ବିରାଡ଼ି ଡେଇଁ ପଳାଇଗଲା । ପିଲା ତ ବୁଝିନାହିଁ ଯେ ନଡ଼ିଆ ଗଛ ମୂଳରେ ଗୁଣ୍ଡୁଚିମୂଷା ଧରିବାକୁ ଭୂଆ ଲୁଚିଥିଲା । ସେ ଶବ୍ଦ ସହିତ ବିରାଡ଼ିକୁ ଦେଖି ବିରାଡ଼ିକୁ ଡରିବାକୁ ଆରମ୍ଭ କଲା ।

ସେତେବେଳେ ମା ବାପ ଯଦି କହି ହୁଅନ୍ତି—ଡରୁଆଟାଏ, ବିରାଡ଼ିକୁ ଡରୁଛି ; ତେବେ ପିଲାର ଡର ଭାଙ୍ଗିବ ନାହିଁ । ସେତେବେଳେ ଯଦି ସେମାନେ ବିରାଡ଼ିକୁ ଆଉଁଷନ୍ତି, ଗେଲ କରନ୍ତି, ଆଉ ଧୀରେ ଧୀରେ ପିଲାର କୌତୂହଳ ବଢ଼ାନ୍ତି, ତେବେ ପିଲା ନିଶ୍ଚୟ ବିରାଡ଼ିକୁ ଖୁସିପାଇବ, ଆଉ ତାର ଡର ଭାଙ୍ଗିବ ।

ଜୋର ଜବରଦସ୍ତି କଲେ ପିଲାର ଡର ଓଁ୍ଛନକା ବସାବାନ୍ଧି ରହିବ ।

ବାପମା କରନ୍ତି କ'ଣ ? ପିଲାକୁ ଶାସନ କରି ନପାରି ଡରେଇ ରଖିବା ସୁବିଧା ବୋଲି ଭାବନ୍ତି । କାହାକୁ ବାଘ, କାହାକୁ ଭୂତ, ଅନ୍ଧାର ଧୁଡ଼ୁଧୁଡ଼ି ଓ ଚୋର ଆଦି ନାନାପ୍ରକାର ଅଦେଖା ଅଶୁଣା ଲୋକଙ୍କର କଥା କହି ଡରେଇ ରଖନ୍ତି ।

ପିଲାକୁ ଶୁଆଇବାକୁ, ଖୁଆଇବାକୁ ଓ ଅନ୍ୟ ପ୍ରକାରର କାମରେ ଲଗାଇବାକୁ ସେମାନେ ଏଇ ଭୟର ଧମକ ଦିଅନ୍ତି । ଫଳରେ ପିଲା ମନ ଭିତରେ ବୁଢ଼ା ହେବାଯାଏ ସେହି ଭୟ ବସା ବାନ୍ଧି ରହିଯାଏ ।

ବାପମାଙ୍କର କ'ଣ କର୍ତ୍ତବ୍ୟ ପିଲାଙ୍କୁ ଡରାଇବା ? ନୁହେଁ ତ । ତଥାପି ଘରେ ଘରେ ଏଇ କାମ ଚାଲିଛି । ଟିକଏ ଭାବିଚାହିଁ କଲେ ତୁମ ଠାକୁରବା ପରି ଭୟାବହ କଥା ନ କହି ପିଲାକୁ ସାହସୀ କରାଇବାରେ ମନ ଦେଲେ ପିଲାର ଓ ସମସ୍ତଙ୍କର ଉପକାର ହୁଅନ୍ତା ।

ଭୂତ ଅଛି ବୋଲି ନ କହି ଭୂତ ନାହିଁ ବୋଲି କହିଲେ ପିଲାର କେଡ଼େ ସୁବିଧା ନହୁଅନ୍ତା ! ପିଲାଦିନରୁ ଚୋରକୁ ଅତିରିକ୍ତ ଭୟ କରିବା ଫଳରେ ସମସ୍ତେ ଡେଇଁଥିବାବେଳେ ବି ଖାଲି ଫୁଲସ୍ ଫୁଲସ୍ ହେଉଛନ୍ତି । ଟିକଏ ଅନ୍ଧାରରେ ପଦାକୁ ବାହାରିଲେ

ଲାଠି, ତେଣ୍ଟା, ଲଣ୍ଠନ ଓ ସୁବିଧା ହେଲେ ଟର୍ଚ୍ଚ ଆଲୁଅ ଧରି ବାହାରୁଛନ୍ତି ।

ଚୋର ଯନ୍ଧ ଅରମାରେ ପଶି, ଅନ୍ଧାରରେ ଚଳପ୍ରଚଳ ହୋଇ, ଘରବାଲାଙ୍କୁ ଡରେଇ ପଶି ପାରୁଛି, ଆଉ ତାହାର ଜୀବିକା ପାଇଁ ନାନାପ୍ରକାରର ଜିନିଷ ଜୋର ଜବରଦସ୍ତି କରି ନେଇପାରୁଛି, ତେବେ ମଣିଷ ଘର ଭିତରେ ରହି ଅନଧିକାରରେ ପ୍ରବେଶ କରୁଥିବା ଚୋରକୁ ଡରିବା କେବଳ ସାହସର ଅଭାବ ।

ତେଣୁ ବାପମା ଚୋର, ଭୂତ ଆଦି ନ ଡରିଇ ପିଲାମାନଙ୍କର ସାହସ ବଢ଼ାଇବାର ଚେଷ୍ଟା କରି ଆଦର୍ଶ ଦେଖାଇଲେ ଉପକାର ହୁଅନ୍ତା ।

ଖାଲି ଭୟ ନୁହେଁ, ପିଲାମନରେ ଅନ୍ୟାନ୍ୟ କାରଣରୁ ହେଉଥିବା ଆଶଙ୍କା ଦୂର କରିବା ସେମିତି ବାପମାଆଙ୍କର କର୍ତ୍ତବ୍ୟ ।

ପିଲା ଗରିବ ବୋଲି ଭଲ ଲୁଗା ପିନ୍ଧି ନାହିଁ, ଭଲ ଜିନିଷ ଖାଉ ନାହିଁ ଅବା ବଡ଼ଲୋକଙ୍କ ସାଙ୍ଗରେ ମିଶି ପାରୁ ନାହିଁ । ଏଥିପାଇଁ ମନ କିଛି କମ୍ କୁଣ୍ଠିତ ହୁଏ ନାହିଁ । ପିଲା ସବୁବେଳେ ଡରି ଡରି ରହେ ।

ଯା'ର ମୂଳ କାରଣ ହେଲା ଅଭାବ । ମଣିଷ ଚେଷ୍ଟା କଲେ ଅଭାବ କିଛି ଅଂଶରେ ଦୂର କରିପାରିବ । କିନ୍ତୁ ସେତିକି ସବୁବେଳେ ଖୋଜିଲା ବେଳକୁ ହୁଏତ ନ ହୋଇପାରେ ।

ପିଲାର ମନରୁ ଏଇ ଅଭାବ-ବୋଧ ଦୂର କରିବାକୁ ବାପମାଙ୍କ ଛଡ଼ା ଆଉ କିଏ ବନ୍ଧୁ ଅଛି ? ବାପମା ଯେବେ ସେତେବେଳେ ପିଲାକୁ ଅଭାବ ଭିତରେ ସାହସ ଓ ଦମ୍ଭ ଆଣିବାକୁ ଚେଷ୍ଟା କରିବେ, ପିଲା ଅବଶ୍ୟ ଡରିବ ନାହିଁ ।

ସେମାନେ ନିଜେ ଭୟ ନ କଲେ ପିଲାର ଭୟ ଭାଙ୍ଗିପାରିବ । ଏଥିପାଇଁ ସେମାନଙ୍କର ଗୋଟିଏ ଆଦର୍ଶ ଦରକାର । ଆଦର୍ଶ କିନ୍ତୁ ଖୋଜିବାକୁ କଷ୍ଟ ନୁହେଁ । ଘରଆଡ଼େ ଆଦର୍ଶର ସ୍ଥାନୀୟ ଲୋକ ଅଛନ୍ତି ।

## ବାପାମାଙ୍କ ଆଦର୍ଶ ରହିବା କଣ ଦରକାର ?

ମଣିଷ ଯେତେବେଳେ ଦୁର୍ବଳ ଥାଏ, ସେତେବେଳେ ସେ ଆଶ୍ରୟ ଖୋଜେ । ଆଦର୍ଶ ହେଉଛି ଦୁର୍ବଳ ମନର ଆଶ୍ରୟ । ଠିକ ଦୁର୍ବଳ ଦେହ ପାଇଁ ଭର ଦେଉଥିବା ବାଡ଼ିପରି ।

ବାପମା ମନ ଭିତରେ ପୁରାଣ ଧର୍ମଶାସ୍ତ୍ର ହେଉ, ଦେଖି ନଥିବା ଲୋକଙ୍କର ଜୀବନରୁ ହେଉ ଅବା ସେମାନେ ଦେଖିଥିବା ଲୋକଙ୍କର ଗୁଲିଚଳନରୁ ସେମାନଙ୍କର ଆଦର୍ଶ ବାଛିନେବା ଉଚିତ ।

ଏକାଥରକେ କେହି ଡାକ୍ତର, ଇଞ୍ଜିନିୟର୍ ଓ ପୁଲିସ୍ ଆଦି ସମସ୍ତ କାମ କରିପାରେ ନାହିଁ । ବାପାମା ସେହିପରି ଆଜି ଗୋଟିଏ ପ୍ରକାର ଓ କାଲି ଆଉ ପ୍ରକାରର ହେଲେ ତାଙ୍କର ପିଲାକୁ ବଡ଼ କବି, ବଡ଼ ବୀର ବା ବଡ଼ ପଣ୍ଡିତ ରୂପେ ଗଢି ପାରିବେ ନାହିଁ ।

ତାଙ୍କ ମନରେ ଭଲଲୋକର ଗୋଟିଏ ମୋଟାମୋଟି ଛବି ରହିବା ଉଚିତ । ସେମାନେ ଘଟଣା ବିଶେଷରେ କେମିତି କ'ଣ କରି ବଡ଼ ଲୋକରେ ପୂଜା ପାଇଥିଲେ ତା'ର ସ୍ପଷ୍ଟ ଚିତ୍ର ମନରେ ଥିଲେ ସିନା ସେମାନେ ପିଲାକୁ ସେହି ଅନୁସାରେ ତାଲିମ କରିପାରିବେ ?

ବଦ୍ୟା ବୁଦ୍ଧି କମ୍ ଥାଉ ଅବା ବେଶୀ ଥାଉ, ବାପମା ଯଦି ସାଧାରଣ ବୁଦ୍ଧିରେ ଏହି ଗୋଟିଏ ବିଷୟକୁ ଧ୍ୟାନ ଦେବେ, ତେବେ ସେମାନେ ତାଙ୍କର କଥା, ବ୍ୟବହାର ଓ ଉଦାହରଣରେ ପିଲା ମନରେ ବଳବତ୍ତ ଇଚ୍ଛା ନିଶ୍ଚୟ ଆଣି ପାରିବେ । ସେଥିପାଇଁ ଧର୍ମଶାସ୍ତ୍ର ପ୍ରତି ଓ ବିଭିନ୍ନ ଉଦାହରଣ ପ୍ରତି ଦୃଷ୍ଟି ରଖିବା ଉଚିତ ।

ପ୍ରତ୍ୟେକ ବିଷୟରେ ଉପରେ ଉପରେ ଭସି ନ ଯାଇ ଟିକିଏ ତଳେଇ ଦେଖିଲେ ସେମାନେ ନିଜ ମନ ଭିତରେ ଥିବା ସବୁ ସନ୍ଦେହର ଉତ୍ତର ପାଇବେ । ଅନିୟମ କଲେ ଯେମିତି ଦେହରେ ରୋଗ ହୁଏ, ଆଉ ରୋଗ ହେଲେ ଔଷଧ ଦ୍ୱାରା ପ୍ରତିକାର କରି ହୁଏ, ସେମିତି ଦୋଷ ଦୁର୍ବଳତା ଜାଣିଗଲେ ସେହି ଦୁର୍ଗୁଣ ଓ ଦୋଷକୁ ସଂଶୋଧନ କରି ହୁଏ ।

ଖାଲି ଈଶ୍ୱରଙ୍କୁ ଡାକଲେ ବା ତାଙ୍କୁ ଅଭିଶାପ ଦେଲେ ସବୁ କଥାର ପ୍ରତିକାର ହୋଇପାରେ ନାହିଁ ।

# ଆଦର୍ଶର ଅଭାବ କିପରି କ୍ଷତି କରେ ?

ପିଲାଟିର ଚଳନ ଥିଲା । ବାପମା ତା'ର କୌଣସି ତତ୍ତ୍ୱ ନେଲେ ନାହିଁ । ସେ ପାଠ ପଢ଼ିଲା । ଚାକିରି କଲା, କିନ୍ତୁ ଦେଖା ଗଲା ଯେ ଭୋଜିଭାତ ହେଉଥିବାର ଖବର ପାଇଲେ ସେ ସେଠି ହାଜର ହେଉଛି । ସେମାନଙ୍କ କାମ କରି ଦେଉଛି । ଆଉ ଖାଇଲା-ବେଳେ ଲାଜ ସଙ୍କୋଚ ଭୁଲି ଅତିରିକ୍ତ ଖାଉଛି ।

ଏପରି ଲୋକ ପ୍ରତ୍ୟେକ ସମାଜରେ ରହି ଯାଇଛନ୍ତି । ଏହି ପ୍ରକାରର ଦୃଷ୍ଟାନ୍ତ ଦେଖିଲେ ବାପମା ତ ଖୁସି ହେବା କଥା ନୁହେଁ । ବାପମା ଯେବେ ପିଲାକୁ ତାର ଅଭ୍ୟାସ ବଦଳାଇବା ପାଇଁ ପିଲା ଦିନରୁ ଚେଷ୍ଟା କରିଥାନ୍ତେ, ତେବେ ପିଲାର ଏତେ କ୍ଷତି ଘଟି ନଥାନ୍ତା ।

ପୁଣି ସେମିତି ବାପ ମା ଭାବିଲେ ପିଲାକୁ ଖାଇବା ଜିନିଷ ନଷ୍ଟ ନ କରିବାକୁ ଶିଖାଇବେ । ଦାନା ତ ହେଉଛି ଲକ୍ଷ୍ମୀ । ଖାଇ ଜାଣି ନାହିଁ ବୋଲି ପିଲା ତଳେ ବୁଣୁଛି । ବାପମା ଯେତେ ଗାଳି ଦେଲେ ବି ପିଲା ସୁଧୁରିଲା ନାହିଁ ।

ବାପ ମା ସେଇଠୁ କହିଲେ—ତଳୁ ଗୋଟାଇ ଖା । ପିଲା ବି ଗୋଟାଇ ଖାଇଲା । ଭୂଇଁରୁ ଗୋଟାଇ ଖାଇବା ଅପରିଷ୍କାର ଅଭ୍ୟାସ । ଶେଷକୁ ଏମିତି ହେଲା ଯେ ପିଲା ବଡ଼ ହେଲା ପରେ ବି ଏଇ ଅଭ୍ୟାସ ଦୋଷରୁ ତଳେ ପଡ଼ି ଯାଇଥିବା ଖାଇବା ଜିନିଷକୁ ଗୋଟାଇ ଖାଇବାକୁ କୁଣ୍ଠା ବୋଧ କରୁ ନାହିଁ ।

ସମସ୍ତେ ଚାଲୁଥିବା ସ୍ଥାନରେ ପାନ ଖସି ପଡ଼ିଲେ ତାକୁ ଆଣି ଗୋଟାଇ ଖାଇବା ଅଭ୍ୟାସ ବହୁତ ଲୋକଙ୍କର ଅଛି । ସେ ସେତେବେଳେ ସେଇ ଜିନିଷକୁ ଖାଇବାରେ ମୋଟେ କୁଣ୍ଠା ବୋଧ କରୁ ନାହିଁ ।

ବାପମା ଖୋଜିଥିଲେ ଯେ ପିଲାର ଗୋଟିଏ ଭଲ ଅଭ୍ୟାସ ହେବ ଓ ସେ ଖାଇବା ଜିନିଷ ନଷ୍ଟ କରିବ ନାହିଁ । ଶେଷକୁ ହେଲା ଯେ ସେ ଆଉ ଗୋଟିଏ ଖରାପ ଅଭ୍ୟାସ ଜୀବନସାକ ପାଇଁ ଅମଳ କଲା । ନିଜର ବୁଦ୍ଧି ଦ୍ୱାରା ସେ ଗୋଟିଏ ବଦ୍-ଅଭ୍ୟାସର ଶିକାର ହୋଇ ରହିଲା ।

ସେମିତି ବାପମା ପିଲାକୁ ଶିଖାଇଲେ ଯେ ବାହାରକୁ ବାହାରିଲା ବେଳେ ସଫାସୁତୁରା ହୋଇ ବାହାରିବା ଉଚିତ । ପିଲା ତା'ର ପିଲା ଦିନରୁ ଏତିକି ବୁଝିଲା ଯେ ପରିଷ୍କାର-ପରିଚ୍ଛନ୍ନତା କେବଳ ବାହାର ଲୋକଙ୍କ ପାଇଁ । ସେ ସଫା ଆଉ ଧଳା ଲୁଗା ପିନ୍ଧି ବାହାରକୁ ଗଲା । ପାଠପଢ଼ି ହୁଏତ ବଡ଼ ଚାକିରି ପାଇଲା ।

ଶତକରା ଅନେଶତ ଲୋକଙ୍କଠାରେ ଦେଖାଯାଉଛି ଯେ ସେମାନଙ୍କର ବାହାରର ଲୁଗା ଯେତିକି ପରିଷ୍କାର, ଭିତରେ ପିନ୍ଧୁଥିବା ଗେଞ୍ଜି, ଫତେଇ ଆଦି ସେତିକି ଅପରିଷ୍କାର । ସେ ତ ପିଲା ଦିନରୁ ଅଭ୍ୟାସ କଲା ଯେ ସଫା ରହିବା କେବଳ ବାହାର ପାଇଁ । ତା'ର ଆଉ ଦୋଷ କ'ଣ ?

ବଡ଼ ଚାକିରି ପାଇଁ ଡାକ୍ତର-ମାଇନା ହେଲାବେଳକୁ ଯେତେବେଳେ ପୋଷାକ ଖୋଲିବାକୁ କୁହାଗଲା, ସେତେବେଳେ ସମସ୍ତେ ଦେଖିଲେ ଯେ ବାବୁ ଭିତରେ ଅତି କୋଚଟ ପିନ୍ଧିଛନ୍ତି ।

ଏଇ ଲାଜ ଖାଲି ସେହି ଲୋକକୁ ନୁହେଁ, ସାରା ଦେଶକୁ ଓ ଜାତିକୁ ମଧ୍ୟ ଲାଗୁଛି । ସମସ୍ତଙ୍କର ଦୁର୍ନାମ ହେଉଛି, କିଏ ଭିତର ପୋଷାକରେ ଫିତା ଖଣ୍ଡେ ନ ବାନ୍ଧି କନାଧଡ଼ି ଅବା ଖୋଳ ବାଣି ଲଗାଇଛି । ଏଣେ କାମିଜରେ ସୁନା ବୋତାମ, ଆଉ ଯୋତାର ଦାମ୍ ହଳକୁ ତିରିଶ ଟଙ୍କା । କଲମ ଅଉ ଘଡ଼ି ସେମିତି ଅତି ମୂଲ୍ୟବାନ୍ ।

ଏଠି ତ ଅଭାବ ନାହିଁ । ଯୋଉ ଲୋକ ଏତେ ମୂଲ୍ୟବାନ୍ ଜିନିଷ ବ୍ୟବହାର କରିପାରେ, ସେ କ'ଣ ଗେଞ୍ଜି ଅବା ଅଣ୍ଡରୱାର ବା ଗୋଡ଼ର ଜୋତା ହଳକୁ ପରିଷ୍କାର ରଖିପାରନ୍ତା ନାହିଁ; ପାରନ୍ତା । ପିଲା ଦିନର ବଦ୍-ଅଭ୍ୟାସ ଯୋଗୁଁ କରିପାରୁ ନାହିଁ ।

ତାକୁ ଯଦି ପିଲା ଦିନରୁ ଶିଖାଇ ଦିଆହୋଇ ଯାଆନ୍ତା ଯେ ପରିଷ୍କାର ରହିବା ବାହାର ଲୋକଙ୍କ ପାଇଁ ନୁହେଁ, ନିଜ ପାଇଁ, ତେବେ ସେ ଏଇ ଭୁଲ୍‌ରେ ପଡ଼ନ୍ତା ନାହିଁ । ଘର ଓ ବାହାରର ପ୍ରଭେଦ ଏଇ ଅସୁବିଧା ସୃଷ୍ଟି କରନ୍ତା ନାହିଁ ।

ଏପରି ଧଳା ପୋଷାକ ପିନ୍ଧିବା ଲୋକଙ୍କଠାରୁ ମୋଟେ ପୋଷାକ ପିନ୍ଧି ନଥିବା ଲୋକ ବେଶି ପରିଷ୍କାର ବୋଲି ଯେକୌଣସି ଲୋକ କହିବ ।

ଏବେ ଯୋଉ ପ୍ରକାରରେ ଅସନା ଜାଗାରେ ଲୁଗା ଧୁଆ ହେଉଛି, ତାକୁ ତ କେହି ଭାବିଲେ ମୋଟେ ପିନ୍ଧିବ ନାହିଁ । କିନ୍ତୁ ସମସ୍ତେ ତ ଖଳି ଇସ୍ତ୍ରି ଦିଆ ହୋଇଥିବା ଲୁଗାକୁ ଆନନ୍ଦରେ ଗୋଡ଼ରୁ ମୁଣ୍ଡଯାଏ ଲଗାଇ ବୁଲୁଛନ୍ତି । ସେଇଟା ପରିଷ୍କାର କି ନୁହେଁ ସେ ବିଷୟରେ ଭାବୁ ନାହାନ୍ତି ।

ସେମିତି ଭଲ କରି ନ ଗାଧୋଇ ନିଜର ଝାଳ ଓ ମଳର ଦୁର୍ଗନ୍ଧ ଘୋଡ଼ାଇବାକୁ ଦେହରେ ଅତର ପାଉଡ଼ର ବୋଳି ଅନ୍ୟମାନଙ୍କୁ ଅପରିଷ୍କାର ବୋଲି ନାକ ଟେକୁଛନ୍ତି । ଆଉ ଯୁକ୍ତି କରୁଛନ୍ତି ଯେ ତାଙ୍କର ଦେହ ପାଣି ସହୁ ନଥିବାରୁ ଅବା କାମ ବହକାଉଥିବାରୁ ସେମାନେ ଗାଧୋଇବାକୁ ବେଳ ପାଉ ନାହାନ୍ତି ।

ଗାଧୋଇବାର ଉପକାରିତା ବିଷୟରେ ଯେ କୌଣସି ବାପମା କ'ଣ ତାଲିମ କରିପାରିବେ ନାହିଁ ? ମନ ଥିଲେ ଅବଶ୍ୟ କରି ପାରିବେ ।

ହେଉଛି କ'ଣ ? ଲୋକେ ଅତରଲଗା ରୁମାଲ ଖଣ୍ଡେ ଖଣ୍ଡେ ପକେଟରେ ରଖି ସେଥିରେ ଯାବତ ଆବର୍ଜନା ପୋଛି ରଖୁଛନ୍ତି । ସେଥିରେ ହାତପୋଛୁ, ଝାଳ ପୋଛୁ ନାକ ପୋଛୁ ଆଦି ବିଭିନ୍ନ ପ୍ରକାରର କାମ ଚାଲିଥିଲେ ବି ରୁମାଲ ଧୋଇବାକୁ କାହାକୁ ତର

ନାହିଁ । ସେଇ ରୁମାଲ ସପ୍ତାହକଯାକ ଚାଲିଛି । ଏଣେ ପୋଷାକ ବଦଳୁଛି ହପ୍ତାକୁ ଦି'ଥର ।

ଏମିତି ଖରାପ ଅଭ୍ୟାସ ଅର୍ଥ ଅବା ବୁଦ୍ଧିର ଅଭାବରୁ ନୁହେଁ, ଖାଲି ମନର ଅଭାବରୁ ଓ ଅଳସୁଆମିରୁ ବଢ଼ି ବଢ଼ି ଚାଲିଛି— ବାପଠାରୁ ପୁଅ ପାଖକୁ, ଭାଇଠାରୁ ଭାଇ ପାଖକୁ ଚାଲିଛି ।

ରାତିରେ ଶୋଇବା ବିଛଣାଚାଦର ସେମିତି ଦେହର ଝାଳ, ପାଦର ଧୂଳି ନିଜ ଦେହରେ ମଣ୍ଡି ପଡ଼ିରହିଛି । ସେଥିକି କାହାରି ନଜର ନାହିଁ । ପିନ୍ଧାଲୁଗାରେ ବାରମ୍ବାର ପରଶ୍ରା ପଡ଼ୁଛି । ସେଥିକି ଦୃଷ୍ଟି ନାହିଁ । ଏଣେ ସମସ୍ତଙ୍କ ମୁହଁରେ ଖାଲି ପରିଷ୍କାର ପରିଚ୍ଛନ୍ନତା ବିଷୟରେ ଅନର୍ଗଳ ବକ୍ତୃତା ଚାଲିଛି । ଗରିବ ଲୋକେ ଅପରିଷ୍କାର ବୋଲି ଉଣା ନାକଟେକା ହେଉ ନାହାନ୍ତି ।

ଖାଲି ଆଦର୍ଶ ରହିଲେ ଚଳିବ ନାହିଁ । ଜଣକର ଆଦର୍ଶ ଆଉ ଜଣକଠାରେ ଲଗାଇବାକୁ ବୁଦ୍ଧି ଓ ବିଚାର ଦରକାର । ସେଥିପାଇଁ ଖାଲି ମନ ଥିଲେ ଯଥେଷ୍ଟ ନୁହେଁ, ଜ୍ଞାନ ମଧ୍ୟ ଦରକାର ।

## ଜ୍ଞାନ ବଢ଼ାଇବ କିପରି ?

ଖାଲି ଯେ ବହିରେ ଜ୍ଞାନ ଅଛି, ସେ କଥା ଠିକ୍ ନୁହେଁ । ମଣିଷ ମୋଟେ ପାଠ ନ ପଢ଼ି ମଧ୍ୟ ଜ୍ଞାନୀ ହୋଇପାରେ । ଏପରି ଦେଖାଯାଇଛି ଯେ ଶ୍ରୀଅକ୍ଷର-ବିବର୍ଜିତ ଲୋକ ନିଜ ନାଁ ଦସ୍ତଖତ କରି ନ ପାରୁଥିଲେ ବି ତାଙ୍କର ବୁଦ୍ଧି ଆଗରେ ପାଠପଢ଼ା ଲୋକ କିଛି ନୁହନ୍ତି ।

ଏଥିରୁ ବୁଝାଯାଉଛି ଯେ ଜ୍ଞାନ କହିଲେ ଖାଲି ପାଠ ପଢ଼ିବା ବୁଝାଏ ନାହିଁ । କୌଣସି ବିଷୟ ହୋଇପାରୁ ନଥିଲାବେଳେ ତାକୁ କରିବା ହେଉଛି ଜ୍ଞାନ । ଏହି ଜ୍ଞାନ ପାଇଁ ମଣିଷର ବୁଦ୍ଧିକୁ ଖଟାଇବା ଉଚିତ ।

ପିଲମାନଙ୍କୁ ଚଳାଇବାକୁ, ତାଙ୍କର ସମ୍ବନ୍ଧ ତା ବଢ଼ାଇବାକୁ, ମିଛ କହିବା, ଚୋରିକରିବା ଆଦି ଅଭ୍ୟାସ ବନ୍ଦ କରିବାକୁ ପାଠ ପଢ଼ିବା ଦରକାର ନାହିଁ । ଅବଶ୍ୟ ପଢ଼ି ଜାଣିଥିଲେ ବହୁତ ପ୍ରକାର ନୂଆ ବିଷୟ ଶିଖିହେବ । ନିଜର ଅନୁଭବରୁ ପାଇଥିବା ଜ୍ଞାନକୁ ସଂଶୋଧନ କରିହେବ ।

ତେଣୁ ପାଠ ପଢ଼ିବା ଜ୍ଞାନ ନଥିଲେ ମଧ୍ୟ କାମ ଚଳିପାରେ । ବାପ ମାମାନେ ଯେପରି ତାଙ୍କ ପିଲାଙ୍କୁ ମୂର୍ଖ ହେବା ଚାହାନ୍ତି ନାହିଁ । ସେମାନେ ସେହିପରି ନିଜେ ମୂର୍ଖ ହେବା ଉଚିତ ନୁହେଁ । ପିଲାଦିନରୁ ପଢ଼ି ନଥିଲେ ବଡ଼ଦିନେ ମଧ୍ୟ ପଢ଼ିବାର କୌଣସି ବାଧା ନାହିଁ ।

ସମସ୍ତେ ତ ଜାଣନ୍ତି ଯେ ମହାତ୍ମା ଗାନ୍ଧି ତାଙ୍କର ପଞ୍ଚସ୍ତରୀ ବର୍ଷ ବୟସରେ ନୂଆ ଭାଷା ଶିଖୁଥିଲେ । ବିନୋବାଜୀ ମଧ୍ୟ ଅତି ବୃଦ୍ଧ ବୟସରେ ନୂଆ ନୂଆ ଭାଷା ଶିଖୁଛନ୍ତି । ବିଦେଶରେ ବହୁଲୋକ ବହୁତ ବୟସରେ ପଢ଼ା ଆରମ୍ଭ କରି ଶିକ୍ଷିତ ହୋଇପାରୁଛନ୍ତି । ତେଣୁ ଆମର ଲୋକେ ବେଶି ବୟସ ହେଲେ ବି ପଢ଼ା ଆରମ୍ଭ କରିବା କୌଣସି ଅସୁବିଧା ନୁହେଁ । ପଢ଼ିବା ଉଚିତ ।

ପଢ଼ିଲେ ସେମାନେ ନାନା ବିଷୟରେ ଜ୍ଞାନ ସଂଗ୍ରହ କରି ପାରିବେ । ନିଜ ଜୀବନକୁ ଉନ୍ନତ କରିପାରିବେ । ସେହିପରି ସେମାନେ ନିଜର ପିଲାଙ୍କର ଉନ୍ନତି କରିପାରିବେ ।

ପିଲମାନଙ୍କର ସମସ୍ୟା ସବୁ ଦେଶରେ ଢେର ଅଧିକ ସମାନ । ପିଲମାନଙ୍କୁ ଚଳାଇବାର ଓ ବଢ଼ାଇବାର ଉପାୟ ବିଭିନ୍ନ ଜାଗାରେ

କିପରି ଭାବରେ କାର୍ଯ୍ୟ କରୁଛନ୍ତି ଜାଣିଲେ ସେମାନେ ମଧ୍ୟ ଉପଯୁକ୍ତ ବ୍ୟବସ୍ଥା କରିପାରିବେ ।

## ପିଲ୍ମାନଙ୍କର ଦଣ୍ଡ ଓ ପୁରସ୍କାର

ଏଇଟା ସବୁ ଦେଶର ସମସ୍ୟା । ଏଠି ମଧ୍ୟ ପ୍ରତ୍ୟେକ ବାପମା ପିଲ୍ମାନଙ୍କୁ ଦଣ୍ଡ ଓ ପୁରସ୍କାର ଦିଅନ୍ତି । କିଏ ସୁନା ରୁପା, ଟଙ୍କା ପଇସା ଦିଏ । ଆଉ କିଏ ଖେଳଣା, ଛବି ବହି ଓ ଖାଇବା ଜିନିଷ ଦିଏ ; ଯାନଯାତ୍ରା ପୁଣ୍ୟପର୍ବରେ ପିଲ୍ମାନଙ୍କୁ ବଡ଼ମାନେ ଯାତ୍ରାଖର୍ଚ୍ଚ ଦେଇଥାନ୍ତି ।

କିନ୍ତୁ ପିଲ୍ମାନଙ୍କୁ ପଇସାଲୋଭୀ କଲେ ସେମାନେ ଲୋଭୀ ହୁଅନ୍ତି । ପଇସା ବଢ଼ାଇବାକୁ ବଡ଼ ମଣିଷମାନେ ଯେପରି କୁତ୍ସିତ ଉପାୟ ଗ୍ରହଣ କରନ୍ତି, ପିଲ୍ମାନେ ମଧ୍ୟ ସେହିପରି କରିବା ସହଜ ।

ତେଣୁ ପିଲ୍ମାନଙ୍କୁ ଯେତେଦୂର ସମ୍ଭବ ଟଙ୍କାପଇସା ଦେବ ନାହିଁ । ଅନ୍ୟଠାରୁ ମଧ୍ୟ ଟଙ୍କା ପଇସା ନ ନେବାକୁ ଶିଖାଇବ ।

ଏବେ ଦେଖାଯାଉଛି ଯେ ପିଲ୍ମାନେ ଘରର ଜିନିଷକୁ ନାମମାତ୍ର ମୂଲ୍ୟରେ ବାହାରେ ବିକି ପଇସା ସଂଗ୍ରହ କରୁଛନ୍ତି । ପିଲ୍ଙ୍କୁ ଯଦି ପଇସା ନ ନେବାକୁ ବା ପଇସା ସଂଗ୍ରହ ନ କରିବାକୁ ଶିଖାଯାଉଥାନ୍ତା, ତେବେ ପିଲ୍ମାନେ ସେପରି କରନ୍ତେ ନାହିଁ । ସହଜ ହେବ ବୋଲି ବାପମା ପଇସା ଦେଇ ପିଲ୍ମାନଙ୍କୁ ଶୀଘ୍ର ବୁଝାଇବାର ଚେଷ୍ଟା କରନ୍ତି ।

କିନ୍ତୁ ପିଲ୍ମାନେ ତ ପୁରସ୍କାର କ'ଣ ବୁଝନ୍ତି ନାହିଁ । ତେଣୁ ନାନା ପ୍ରକାରର ଅସୁବିଧା ହୁଏ ।

କଣ୍ଢେଇ ଖେଲଣା ପିଲାମାନେ ଭଲ ପାଆନ୍ତି । କିନ୍ତୁ କ'ଣ ଦେଖାଯାଏ ନାହିଁ ଯେ ପିଲାମାନେ ଗୁଡ଼ାଏ କଣ୍ଢେଇ ଜମାଇବାର ଚେଷ୍ଟା କରୁଛନ୍ତି ? ଏଣୁ କଣ୍ଢେଇ-ଖେଲନା ଦେଲେ ମଧ୍ୟ ପିଲାମାନଙ୍କୁ ବୁଝାଇବାର ଚେଷ୍ଟା ରହିବା ଉଚିତ ।

ପିଲା ଯେପରି କଣ୍ଢେଇ ଖେଲଣାର ପ୍ରକୃତ ବ୍ୟବହାର କରିବ ଆଉ ଖାଲି ଜମାଇ ରଖିବ ନାହିଁ ତାହା ପ୍ରତି ଦୃଷ୍ଟିଦେବା ଉଚିତ । ଏଥିରୁ ପିଲା ଧୀରେ ଧୀରେ ଶିକ୍ଷା ପାଇବ ।

ଗୋଟିଏ ଶିକ୍ଷା ହେଲା, ସେ ଅଳ୍ପରେ ସନ୍ତୁଷ୍ଟ ରହିବ । ନିଜ ଜିନିଷକୁ ଜଗିରଖି ବ୍ୟବହାର କରିବ । ବୃଥାରେ ଯଦି ଭଙ୍ଗାରୁଜା କରେ ତାହାହେଲେ ତାକୁ ବୁଝାଇବା ଉଚିତ ଯେ ପିଲା ଯେମିତି ତା'ର କଣ୍ଢେଇଖେଲଣା ଭାଙ୍ଗିଛି, ସେମିତି ସେ ତା'ର ମନକୁ ମନ ଖେଲନା ନ ଧରି ଖେଳୁ ।

ଏଇଠାକୁ ମଧ୍ୟ ଅତିରିକ୍ତ ନ ବଢ଼ାଇ, ଭାଙ୍ଗିଦେଇଛି ବୋଲି ତାକୁ ସବୁବେଳେ ଶାସ୍ତି ନଦେଇ ପିଲାଙ୍କୁ ପୁଣି କଣ୍ଢେଇ-ଖେଲଣା ଆଣି ଦେବା ଉଚିତ ।

ପଇସା ଦେବାଠାରୁ କଣ୍ଢେଇ ଓ ଖେଲଣା ଦେବା ଭଲ । କଣ୍ଢେଇଖେଳରେ ପିଲା ନିଜ ତା'ର ପ୍ରବୃତ୍ତି ଅନୁସାରେ ନିଜକୁ ଗଢ଼େ । ତେଣୁ ବାପମା ତା'ର ଯେଉଁ ଦିଗରେ ଝୁଙ୍କ୍ ସେହି ଦିଗରେ ପିଲାକୁ ଚଲାଇବା ଉଚିତ ।

ପୁରସ୍କାର ସ୍ୱରୂପ ଖାଇବା ଜିନିଷ ଦେବା ଉଚିତ ନୁହେଁ । ସମୟ ଅସମୟରେ ଖାଇବା ଦ୍ୱାରା ପିଲାମାନେ ନାଲଚି ହୁଅନ୍ତି । ଦେହ ମଧ୍ୟ ଭଲ ରହେ ନାହିଁ । ତେଣୁ ବାପମା ପିଲାଙ୍କର ଖାଇବା ପ୍ରତି ଦୃଷ୍ଟି ଦେବା ଉଚିତ ।

ସାଧାରଣରେ କହନ୍ତି – ପିଲାଲୋକ, ଖାଉ । ଏଇଟା ଠିକ୍ ଯେ ପିଲାର ଜୀର୍ଣ୍ଣ କରିବା ଶକ୍ତି ବେଶୀ । କିନ୍ତୁ ଦିନସାକ ପିଲାକୁ ରଙ୍ଗ ମିଠେଇ, ମିଶ୍ରି, ଚିନି ବା ଫଳମୂଳ ଖୁଆଇବା ଉଚିତ ନୁହେଁ । ପ୍ରତ୍ୟେକ କ୍ଷେତ୍ରରେ ପିଲାକୁ ଦେଖି ସେହି ଅନୁସାରେ ବାପମା ତା'ର ଅଭ୍ୟାସର ସଂଶୋଧନ କରିବା ଉଚିତ ।

ଏଥିରୁ ବୁଝାଯାଉଛି ଯେ ସାମାନ୍ୟ ପୁରସ୍କାର ଦେବାରେ ଟିକିଏ ଟିକିଏ ବୁଦ୍ଧି ଖର୍ଚ୍ଚ କଲେ ପିଲା ଭଲ ହୁଏ । ତେଣୁ କୌଣସି ବିଷୟ ଏକାବେଳକେ ଶ୍ରେଷ୍ଠ ବୋଲି ଭାବିବା ଉଚିତ ନୁହେଁ ।

ପୁରସ୍କାର ଯେପରି ଦଣ୍ଡ ମଧ୍ୟ ସେହିପରି । ସବୁବେଳେ ପିଲାଙ୍କ ମାରଧର, ଧମକ ଚମକ କଲେ ପିଲା ଭଲ ହୁଅନ୍ତି ନାହିଁ । ପିଲାମାନେ ସବୁବେଳେ ଶାସ୍ତି ଦେଉଥିବା ଲୋକଠାରୁ ଦୂର ହୋଇ ଯାଆନ୍ତି ।

ଲୁଣ ସାଙ୍ଗରେ ଚିନିପରି ଦଣ୍ଡ ସହିତ ପୁରସ୍କାର ମିଶାଇ ପିଲାକୁ ଚଳାଇଲେ ପିଲାମାନେ ବଡ଼ଦିନକୁ ଭଲ ହୁଅନ୍ତି । ପୁରସ୍କାର ଦେବାକୁ କହି ନ ଦେଲେ ଓଲଟା ଫଳ ହୁଏ । ପିଲାମାନେ ଜାଣନ୍ତି ଯେ ବାପମା ମିଛ କହୁଛନ୍ତି ।

ଅବିଶ୍ୱାସ ଆସିଲେ ଅବାଧ ହୁଅନ୍ତି । ତେଣୁ ଦେଖାଯାଉଛି ଯେ ବାପମା ଯଦି ପିଲାକୁ ଉପଯୁକ୍ତ ଭାବରେ ଉତ୍ସାହ ଦେଇ ନ ପାରନ୍ତି, ତେବେ ବଡ଼ଦିନକୁ ପିଲାର ସେହି ପିଲାଦିନର ଲାଳନ-ପାଳନ ଦୋଷ ଯୋଗୁଁ ନାନା ପ୍ରକାରର ଦୋଷ ବାହାରେ ।

ଖାଲି ଦଣ୍ଡ, ପୁରସ୍କାର ନୁହେଁ, ଯେଉଁ କାରଣରୁ ଦଣ୍ଡ ଓ ପୁରସ୍କାର ମିଳୁଛି, ସେହି କାରଣ ନେଇ ପିଲାମାନଙ୍କର ମନରେ ନାନା ପ୍ରକାରର ପ୍ରଶ୍ନ ଆସେ । ସେମାନଙ୍କର କୌତୂହଳ ଦୂର କରି ନପାରିଲେ ସେମାନେ ମନ ଭିତରେ ଉତ୍ତେଜିତ ହୁଅନ୍ତି ।

ତେଣୁ ପିଲାର କୌତୂହଳ ଓ ନାନା ପ୍ରଶ୍ନର ଉତ୍ତର ଦେବା ପାଇଁ ବାପମା ପ୍ରସ୍ତୁତ ରହିବା ଉଚିତ । ଜାଣି ନଥିଲେ ବୁଝିବା ଉଚିତ । ଶିଖି ନଥିଲେ ଶିଖିବା ଉଚିତ ।

## ପିଲାମାନଙ୍କର ପ୍ରଶ୍ନ—କାହିଁକି ?

ସାଧାରଣରେ ବାପମାମାନେ କହନ୍ତି—ଏମିତି ଫଟରେଇ ହଉଛୁ କାହିଁକି ? ପିଲା କୌଣସି ଜିନିଷ ପଚାରୁଥିଲେ, ସେଥିରୁ ତାହାର ସରାଗ ଭାଙ୍ଗିଯାଏ । ସାନ ପିଲା ଠିକ୍ ବଡ଼ ମଣିଷଙ୍କ ପରି ଯେଉଁ ବିଷୟ ଜାଣି ନଥାଏ, ସେହି ବିଷୟରେ କୌତୂହଳୀ ହୁଏ । ତେଣୁ ତା'ର କୌତୂହଳ ବଳପୂର୍ବକ ଦାବି ନ ଦେଇ ତାକୁ ଉତ୍ସାହ ଦେବା ଉଚିତ ।

ସାନ ପିଲା କୌଣସି ବିଷୟରେ ଜାଣିବାକୁ ଚାହୁଁଥିଲେ; ସେ ବିଷୟରେ ବାପମା ତାକୁ ନିରୁତ୍ସାହ କରିବା ଉଚିତ ନୁହେଁ । ପ୍ରଶ୍ନର ଉତ୍ତର ଜାଣି ନଥିଲେ ତାହାକୁ ଛବି କମ୍ବା ଖେଳ ବା ଅନ୍ୟ କୌଣସି ବିଷୟରେ ଲଗାଇବା ଉଚିତ ।

ସମସ୍ତେ ଦେଖିଥିବେ ଯେ ଛୋଟ ଜନ୍ତୁଜୀବମାନଙ୍କର ମଧ୍ୟ କୌତୂହଳ ବେଶୀ । ଛୋଟ କୁକୁର ଛୁଆ ସବୁ ଜିନିଷ କାମୁଡ଼ିବାକୁ ଓ ଶୁଙ୍ଘାଇବାକୁ ଭଲ ପାଏ । ସାନପିଲା ସେହିପରି ଉତ୍ପାତିଆ ହୁଏ ।

ତେଣୁ ପିଲାର କୌତୂହଳ ଦୂର କରିବାକୁ ହେଲେ ବାପମା ନିଜେ ବିଭିନ୍ନ ବିଷୟରେ ଜାଣିବା ଉଚିତ । ସେମାନେ ନିଜର ଜ୍ଞାନ ନ ବଢ଼ାଇଲେ ପିଲାକୁ କିପରି ଭାବରେ ଶିଖାଇବେ । ଆଜି

ପିଲା କିଛି ନ ଶିଖିଲେ ବଡ଼ହେଲେ କ'ଣ ବା ହେବ ? ଯେଉଁ ପିଲା ଯେତେ ବେଶୀ ପ୍ରଶ୍ନ ପଚାରୁଥାଏ, ଅର୍ଥାତ୍ ଯାହାର କୌତୂହଳ ଯେତେ ବେଶୀ, ସେ ବଡ଼ହେଲେ ସେତିକି ଯୋଗ୍ୟ ହୁଏ ।

ଅତି ନିରସା ଓ ନିକମା ପିଲା ବଡ଼ହେଲେ ସେହିପରି ଅତି ସାଧାରଣ ଲୋକ ହୁଅନ୍ତି । ଜୀବନୀମାନଙ୍କରୁ ଦେଖାଯାଉଛି ଯେ ଯେଉଁମାନେ ପିଲାଦିନେ ବେଶୀ ଦୁଷ୍ଟ ହୋଇଥାନ୍ତି, ସେମାନେ ବଡ଼ହେଲେ ମାତବର ଲୋକ ହୁଅନ୍ତି । କାରଣ ସେମାନଙ୍କର ବୁଦ୍ଧି ଓ ଶକ୍ତିର ପ୍ରଖରତା ଅଧିକ ।

ଅତିରିକ୍ତ ଶାନ୍ତଶିଷ୍ଟ ପିଲା ପିଲାବେଳେ ହୁଏ ତ ବାପମାଙ୍କର ଆନନ୍ଦର କାରଣ ହୋଇପାରନ୍ତି । କିନ୍ତୁ ବଡ଼ହେଲେ ସେମାନେ ବିଶେଷ କିଛି ହୁଅନ୍ତି ନାହିଁ । ପ୍ରଥମରେ ଯାହା ଆଶୀର୍ବାଦ ପରି ଜଣାଯାଏ ପଛକୁ ସେତିକି ପ୍ରାପ୍ତି କିଛି ହୁଏ ନାହିଁ ।

ତେଣୁ ଆପଣଙ୍କ ପିଲା ପିଲାବେଳୁ ଦୁଷ୍ଟ ଓ ବୁଦ୍ଧିଆ ହୋଇ ଥିଲେ ବିଶେଷ ଖୁସି ହେବା ଉଚିତ ନୁହେଁ । କାରଣ ଆପଣଙ୍କ ପିଲାର ଶକ୍ତି ଅଛି । ପିଲାବେଳୁ ତାକୁ ଠିକ୍‌ଭାବରେ ଚଳାଇ ନ ପାରିଲେ ସେ ବଡ଼ହେଲେ ବଡ଼ ଦୁଷ୍ଟ ବା କୁଚର୍ଚ୍ଚୀ ହୋଇ ବାହାରିବ ।

ପିଲାମାନଙ୍କର ପିଲାଦିନରୁ ତାଙ୍କର ଭବିଷ୍ୟତର ସୂଚନା ମିଳେ । ଯେଉଁ ପିଲାର ଯୋଗ୍ୟତା ଯେତେ ବେଶୀ ତା'ର ବାପମାଙ୍କର ଦାୟିତ୍ୱ ସେତିକି ଅଧିକ ।

# ପିଲାଙ୍କର ଅବାଧ୍ୟତା କିପରି ଛଡ଼ାଇବ ?

ସାଧାରଣରେ ଦେଖାଯାଇଥାଏ ଯେ ଚତୁର ପିଲା ବେଶୀ ଅବାଧ୍ୟ ହୁଅନ୍ତି । ନରମା ପିଲାଙ୍କୁ ଧମକଚମକ ଦେଇ ସାଧ୍ୟ କରି ରଖାଯାଇପାରେ । କିନ୍ତୁ ବୁଦ୍ଧିମାନ ପିଲା ଧମକଦ୍ୱାରା ସାଧ୍ୟ ହୁଏ ନାହିଁ । ତା'ର ବୁଦ୍ଧି ବେଶୀ । ତେଣୁ ତା'ର ଜିଦ୍ ମଧ୍ୟ ବେଶୀ । ତେଣୁ ସେପରି ପିଲାକୁ ସାବଧାନ ହୋଇ ଶିଖାଇବା ଉଚିତ ।

ଏପରି କ୍ଷେତ୍ରରେ ଭାବଚିନ୍ତା ଏମିତି କାମ କରିବ ଯେ ପିଲା ଆପଣାଛାଏଁ ଯେମିତି ଅବାଧ୍ୟ ହେବ ନାହିଁ ।

ପିଲାଟିଏ ଖାଲି'ଗୋଡ଼ରେ ବାହାରକୁ ଯିବାକୁ ଚାହୁଁଛି । ସେତେବେଳେ ତାକୁ ମନାକଲେ ସେ କହୁଛି ଯେ ଅନ୍ୟମାନେ ଖାଲି ଗୋଡ଼ରେ ଯାଉଛନ୍ତି, ସେ ଯିବ ନାହିଁ କାହିଁକି ?

ଜୋର ନକରି ମାଡ଼ଗାଳି ନଦେଇ ପିଲାକୁ ଯେବେ କୁହାଯାଏ—ତାକୁ ଦୁଇଟି ବାଟ ଦିଆଗଲା । ଖାଲି ଗୋଡ଼ ହେଲେ ସେ ଘର ଭିତରେ ରହିବ । ଜୋତା ପିନ୍ଧିଲେ ବାହାରକୁ ଯିବ । ପିଲା ଉପରେ ଦୁଇଟି ଯାକ ବିଷୟରୁ ଗୋଟିଏ ବାଛିବାର ଭାର ପଡ଼ିଲା, ତେଣୁ ସେ ରାଜି ହୋଇ ଜୋତା ପିନ୍ଧିଲା ।

ଏ ଗୋଟିଏ ଘଟଣା ନୁହେଁ; ଖାଇବା, ଶୋଇବା, ଖେଳିବା ଆଦି ସବୁଥିରେ ସେ ଅବାଧ୍ୟ ହୋଇପାରେ । ସେତେବେଳେ ତାକୁ ନିଜର କରି ତା'ର ମନରେ ଆସୁଥିବା ସମସ୍ତ ପ୍ରଶ୍ନର ଉତ୍ତର ତାକୁ ବୁଝାଇ ଦେଲେ ସେ ଅବାଧ୍ୟ ନହୋଇ ଯେପରି ଚାହିଁବ ସେପରି କରିବ ।

ଯୋଗ୍ୟତା ପିନ୍ଧିବା ଯେ ଏକାବେଳକେ ଦରକାର ତା' ମଧ୍ୟ ନୁହେଁ । ସ୍ଥଳ,ବିଶେଷରେ ତା'ର ଆବଶ୍ୟକତା ଅଛି । ଉଦାହରଣଟି ଦିଆଗଲା—ପିଲାର ଅବାଧ୍ୟତା ଦୂର କରିବାର ଉପାୟ ବିଷୟରେ। କିନ୍ତୁ ପିଲାର ଯୋଗ୍ୟତା ପ୍ରତି ଶ୍ରଦ୍ଧା ଆଣିବା ଉଚିତ ନୁହେଁ ।

ବାପମା ଅବସ୍ଥା ଦେଖି ବିଚାର କରିବେ । ପିଲାମାନଙ୍କର ଭବିଷ୍ୟତ ପ୍ରତି ଦୃଷ୍ଟି ରଖି ତାକୁ ସବୁବେଳେ ଭଲମନ୍ଦ ଭିତରେ ବାଛିବାର ସୁବିଧା ଦେବେ ।

ପିଲାମାନେ ଏହିପରି ନିଜ ବିଚାରରେ ଥରେ ଭଲ ହେବାକୁ ଆରମ୍ଭ କଲେ ଭବିଷ୍ୟତକୁ ନିଜର ବିଚାର ବୁଦ୍ଧି ଖଟାଇ ପ୍ରତ୍ୟେକ ବିଷୟରେ ଠିକ୍‌ରୂପେ କାମ କରିପାରନ୍ତି ।

## ସ୍ୱାର୍ଥପର ପିଲାଙ୍କୁ କିପରି ଚଳାଇବ ?

ସାଧାରଣରେ ଦେଖାଯାଇଥାଏ ଯେ ଲାଳନପାଳନ ଦୋଷରୁ ପିଲାମାନେ ସ୍ୱାର୍ଥପର ହୁଅନ୍ତି । ସହଜରେ ପିଲାମାନେ ସ୍ୱାର୍ଥପର । ଏହି କାରଣରୁ ଏକାନ୍ନବର୍ତ୍ତୀ ପରିବାର ଅନେକ ସମୟରେ ଭାଙ୍ଗେ । ଗୋଟିଏ ପିଲା ପରସ୍ପରର ଭାଇଭଉଣୀ ହେଲେ ତାଙ୍କର କଳି ମୀମାଂସା ହୋଇପାରେ ନାହିଁ । ଗୋଟିଏ କାଗଜ ଖଣ୍ଡିଏ ହେଉ ପଛକେ, ଜଣେ ଯଦି ମନକଲା ସେଇଟା ତାର ଦରକାର, ତେବେ ଆଉ ଜଣକ ଠିକ୍ ତା'ର ପାଇଁ କାନ୍ଦିବ ।

ତେଣୁ ପିଲାର ସ୍ୱାର୍ଥପରତା କମାଇବାକୁ ତା'ର ବିଚାର ଶକ୍ତି ବଢ଼ାଇବା ଉଚିତ । ଯେତେବେଳଯାଏ ପିଲା ଭାବୁଛି ଯେ

ଜିନଷଟି ତା'ର ନୁହେଁ, ସେତେବେଳ ଯାଏ ତା'ର ଜିନଷ ଅନ୍ୟଙ୍କୁ ସେ ଛୁଆଇଁ ଦେବ ନାହିଁ । ଯେତେବେଳେ ସେ ଭାବିବ ଯେ ଜିନିଷଟି ତା'ର ଆଉ ତାକୁ ବୁଝାଇ ଦିଆହେବ ଯେ ତା'ର ଜିନଷ ଅନ୍ୟଙ୍କୁ ଦେଲେ କ୍ଷତି ନାହିଁ; ସେତେବେଳେ ସେ ଖୁସିରେ ଜିନଷଟି ଅନ୍ୟ ପିଲାଙ୍କୁ ଦେବ ।

ଆପଣ ନିଜେ ପିଲାକୁ ଗୋଟିଏ ମିଠେଇ ଦିଅନ୍ତୁ, ଦେଇଥିବା ଲୋକ ପରେ ମାଗିଲେ ପିଲା ଦେବାକୁ ନାରାଜ ହେବ । ଯେତେବେଳେ ପିଲାକୁ ସ୍ପଷ୍ଟ ବୁଝାଇ ଦିଆଯିବ ଯେ ତା'ର ଜିନଷ ଅନ୍ୟ ଲୋକେ ବ୍ୟବହାର କଲେ କ୍ଷତି ନାହିଁ, ଲାଭ ଅଛି, ଆଉ ସେଇ କାମଟା ଭଲ; ସେତେବେଳେ ସେ ଖୁସିରେ ଦେବ ।

ପରୀକ୍ଷା କରି ଦେଖାଯାଇଛି ଯେ ପିଲା ମା'କୁ ଛାଡ଼ି ଅବସ୍ଥା ବିଶେଷରେ ରହିପାରେ । ପିଲା ସବୁବେଳେ ମା ପଛେ ପଛେ ବୁଲୁଛି । ତାକୁ ବୁଝାଇଲା ଯେ ମା ପଢ଼ିବାକୁ ଯିବ । ସକାଳ ଦଶଟାରୁ ଗୋଟା ଯାଏ ସେ ପଢ଼ିବ । ଆଉ ପିଲା ଏକୁଟିଆ ରହିବ, ମା ରହିବ ନାହିଁ । ଦରକାର ହେଲେ ଖେଳ, ଜେଜମା ଅଛନ୍ତି ।

ପିଲା ପ୍ରଥମେ କେତେଦିନ ଭାବିଲା । ସେଇଠୁ ମା'କୁ ପଢ଼ିବାକୁ ଅନୁମତି ଦେଲା । ମା ପିଲାର ଅନୁମତି ନେଇ ସ୍ୱଚ୍ଛନ୍ଦରେ ପଢ଼ି ପାରିଲା । କିନ୍ତୁ ସେତିକି । ଅନ୍ୟ ସମୟରେ ପିଲା ମା'କୁ ମୋଟେ ଛାଡ଼ିବ ନାହିଁ ।

ଏହିପରି ପିଲା ଖାଲି ମା'କୁ ଛାଡ଼ି ରହିବା ନୁହେଁ, ତା'ର ଖାଇବା ଓ ଚାଲିବା ବିଷୟରେ ମଧ୍ୟ ତାକୁ ଶିକ୍ଷା ଦିଆଯାଇପାରେ ।

# ପିଲାଗୁଡିକୁ କିପରି ଖୁଆଇ ଶିଖାଇବ ?

କୌଣସି ଜିନିଷ ପିଲା ଖାଏ ନାହିଁ ବୋଲି ପିଲା ମୁହଁରେ କହିବା ଉଚିତ ନୁହେଁ । ସେପରି ହେଲେ ପିଲା ଭାବେ ଯେ ସେ ଖାଦ୍ୟ ତା'ର ଖାଇବାର ଯୋଗ୍ୟ ନୁହେଁ ।

ସବୁ ପ୍ରକାର ଖାଦ୍ୟ ଖାଇବାରେ ସାହାଯ୍ୟ କରିବା ବାପ-ମାଙ୍କର କର୍ତ୍ତବ୍ୟ । ପିଲାଲୋକ—ତା'ର ପାଟିକି ଯାହା ଭଲ ଲାଗିବ ସେ ସେହିପରି ଖାଦ୍ୟ ଖାଇବ । ତେଣୁ ସେ ଯାହା ଖାଇବାକୁ ଖୋଜୁଛି, କେବଳ ସେହି ଜିନିଷ ଖୁଆଇଲେ ପିଲାଙ୍କର ଅଭ୍ୟାସ ଖରାପ ହେବ । କୌଣସି ଜିନିଷ ବେଶି ଗୁଡ଼ାଏ ଦେଲେ ପିଲାର ଅରୁଚି ହୁଏ ।

ତେଣୁ ବାପମା ତାଙ୍କର ଶକ୍ତି ଅନୁସାରେ ପିଲାକୁ ଭଲ ଲାଗିଲା ପରି ସୁନ୍ଦର ଓ ଅସୁନ୍ଦର, ପିତା ଓ ମିଠା ସବୁ ପ୍ରକାରର ଖାଦ୍ୟ ଖୁଆଇବା ଉଚିତ ।

ଚଗଲା ହୋଇ ପିଲା ଖାଉ ନାହିଁ । ସେପରି ଅବସ୍ଥାରେ ପିଲାକୁ ଛବି ଦେଖାଇ, ଗପ କହି ଖୁଆଇବା ଅଭ୍ୟାସ କରିବା ଉଚିତ ।

# ଖାଇବା ବିଷୟରେ ଭଦ୍ରତା କିପରି ଶିଖାଇବ ?

ମଣିଷର ଖାଦ୍ୟରୁ ତା'ର ସ୍ୱଭାବ ନିରୂପଣ କରାଯାଏ । କିଏ କେମିତି ଖାଏ ଓ କ'ଣ ଖାଏ—ଏଇ ବିଷୟ ପ୍ରତି ଧ୍ୟାନ ଦେବା ଉଚିତ ।

ସଂଯତ ହୋଇ ଖାଇବା ଅର୍ଥାତ୍ ଖାଇବାବେଳେ ମିଳୁ ନଥିବା ବିକଳିଆଙ୍କ ପରି ହେବା ଅନୁଚିତ । ଅବେଳରେ ଖାଇଲେ ଭୋକ ମରିଯାଏ । ସ୍ୱାସ୍ଥ୍ୟ ଖରାପ ହୁଏ । କ୍ରିମି ଇତ୍ୟାଦି ହୁଅନ୍ତି । ତେଣୁ ବାପମା ପିଲାମାନଙ୍କୁ ଯେକୌଣସି ସମୟରେ, ଯେକୌଣସି ଲୋକ ଘରେ ନ ଖାଇବାର ଅଭ୍ୟାସ କରାଇବା ଉଚିତ ।

ଅଚିହ୍ନା ଲୋକଃହାତରୁ ନ ଖାଇବାର ଅଭ୍ୟାସ କରାଇବା ଭଲ । ଏହିସବୁ ବିଷୟରେ ଚିହ୍ନା ପିଲାର ଉଦାହରଣ ଦେଇ ଗପ ଛଳରେ କହିବା ଉଚିତ ।

ଧୀରେ ଧୀରେ ପିଲା 'ଆତୁରିଆ ହୋଇ ଖାଇବାର' ପ୍ରବୃତ୍ତି ଦମନ କରିପାରିବ । ବଡ଼ ମଣିଷଙ୍କ ପରି ସେ ଭଦ୍ର ହୋଇ କାରବାର କରିପାରିବ ।

ଖାଇବା ବିଷୟରେ କେତେବେଳେ କେଉଁ ଜିନିଷ କେମିତି ଖିଆଯାଏ ବା ପାଣି କିପରି ପିଆଯାଏ ଶିଖାଇବା ଉଚିତ । ଭାତ ଖାଇବା ସାଙ୍ଗେ ସାଙ୍ଗେ ପାଣି ପିଇବା ଉଚିତ କି ନୁହେଁ ଓ କେତେବେଳେ ପାଣି ପିଇବା ଉଚିତ—ସମସ୍ତ ବିଷୟ ପିଲାବେଳେ ସହଜରେ ଶିଖାଇ ଦିଆଯାଇପାରେ ।

ପିଲା ଖାଇବାକୁ ଇଚ୍ଛା କରୁ ନଥିଲେ ତାକୁ ଜୋର କରି ଖୁଆଇବା ଉଚିତ୍ ନୁହେଁ । ତା'ର ଦେହ ଭଲ ନଥିଲେ ସେ ଯେପରି ଇଚ୍ଛା ଅନୁସାରେ ବିଚାର କରି ଖାଇପାରିବ ସେ ବିଷୟ ପିଲାବେଳୁ ଶିଖାଇବା ଉଚିତ୍ ।

ସମସ୍ତେ ଦେଖିଥିବେ ଯେ ଜୀବଜନ୍ତୁ ମଧ୍ୟ ଦେହ ଖରାପ ଥିଲାବେଳେ ଖାଆନ୍ତି ନାହିଁ । ସେମାନଙ୍କର ଖାଇବା ପ୍ରତି ଏତେ ଲୋଭ ଥାଇ ସୁଦ୍ଧା ସେମାନେ ନିଜର ପାଟିକୁ ସମ୍ଭାଳି ନିଅନ୍ତି ।

ତେଣୁ ସାମାନ୍ୟ ଶିକ୍ଷା ଦେଲେ ପିଲା ଦେହ ଖରାପ ଥିଲା ବେଳେ ନ ଖାଇବା ସହଜରେ ଶିଖିପାରିବ ।

ସେମିତି ଖାଇବା ବିଷୟରେ ଭଦ୍ରତା ଶିଖାଇବା ଉଚିତ । ପାଞ୍ଚଜଣ ଏକାଠି ଖାଉଥିଲେ ଏକା ସାଙ୍ଗରେ ଖାଇବା ଆରମ୍ଭ କରିବା ଉଚିତ୍ । ଆଗ ଖାଇ ଉଠିଯିବା ଉଚିତ୍ ନୁହେଁ—ଏ ବିଷୟମାନ ପିଲାକୁ ଶିଖାଇବା ଉଚିତ । ସେ ଯେପରି ଧୀରେ ଧୀରେ ଭଲ କରି ଚୋବେଇ ଖାଇବ—ତାକୁ ଶିଖାଇବା ଉଚିତ୍ ।

ଖାଇ ସାରିଲା ପରେ ଭଲ କରି କୁଳି କରିବା, ମୁହଁ ଧୋଇବା ବିଷୟମାନ ବାପମା ଯେପରି ଶିଖାଇପାରିବେ, ଅନ୍ୟମାନେ ତାହା ପାରିବେ ନାହିଁ ।

## ପିଲାଙ୍କୁ ଦାନ୍ତଘଷା ଓ ଗାଧୁଆ ଇତ୍ୟାଦି କିପରି ଶିଖାଇବ ?

ସମସ୍ତେ ଜାଣନ୍ତି ଯେ ପିଲାବେଳର ଅଭ୍ୟାସ ବଡ଼ ଦିନକୁ ରହିଯାଏ ନାହିଁ । ଏହାର ପ୍ରଧାନ ବାଧା ହେଉଛି ନିଜର ଆଳସ୍ୟ । ପିଲାବେଳେ ପ୍ରାୟ ସମସ୍ତେ ତେଲ ଲଗାଇ ଗାଧୁଅନ୍ତି । ତେଲ ନ ଲଗାଇ ଗାଧୋଇଲେ ଯେ ଦେହ ଖରାପ ହୁଏ—ଏ ବିଷୟଟି ପିଲା ମନରେ ଦୃଢ଼ କରିବା ଉଚିତ । ଭଲକରି ଘଷି ହୋଇ ତେଲ ଲଗାଇ ଗାଧୋଇଲେ ଦେହର କାନ୍ତି ବଢ଼େ ଓ ନାନା ପ୍ରକାରର ଚର୍ମରୋଗ ଦୂର ହୁଏ ।

ପଦସ୍ଥ ଲୋକେ ସ୍ୱତନ୍ତ୍ର ଭାବରେ ଲୋକ ରଖି ତେଲ ମାଲିସ୍ କରାନ୍ତି । ଏହାର କାରଣ ହେଉଛି ଯେ ସେମାନେ ବହୁତ ଦିନରୁ ତେଲ ଲଗାଇ ଗାଧୋଇବା ଅଭ୍ୟାସ ଛାଡ଼ି ଦେଇଥିଲେ । ତେଲିଆ ଝାଳ ଦୁର୍ଗନ୍ଧ କରିବ ବୋଲି ଓ ଲୁଗାପଟା ମଇଳା ହେବ ବୋଲି ସେମାନେ ସାବୁନ ଲଗାଇବା ଶିଖି ପରେ ପୁଣି ତାକୁ ଛାଡ଼ି ତେଲ ଆଡକୁ ଦୃଷ୍ଟି ଦିଅନ୍ତି ।

ପାଦରେ ସୋରିଷ ତେଲ ଲଗାଇଲେ, କାନ ଓ ନାକ-ପୁଡ଼ାରେ ତେଲ ଟିକିଏ ଟିକିଏ ଦେଇଥିଲେ ଅନେକ ଛୋଟ ଛୋଟ ରୋଗ ଦୂର କରିହୁଏ । ଦେହରୁ ତେଲ ଛଡ଼ାଇବା ପାଇଁ ଭଲକରି ରଗଡ଼ିବା ଆବଶ୍ୟକ ପଡ଼େ । ସେଥିରେ ଚମର ସୁନ୍ଦର କସରତ ହୁଏ ।

ତେଣୁ ପିଲାମାନଙ୍କୁ ତେଲ ଲଗାଇ ଗାଧୋଇବାର ଅଭ୍ୟାସ କରାଇବା ଉଚିତ । ବାପମା ମଧ୍ୟ ପିଲାଙ୍କ ଆଗରେ ସେହିପରି ଭଲ କରି ତେଲ ଲଗାଇ ନିୟମିତ ଗାଧୋଇବା ଉଚିତ । ତାହାହେଲେ ପିଲା ଦେଖିବ ଓ ତା'ର ତେଲ ଲଗାଇବା ଅଭ୍ୟାସ ପିଲାଦିନୁ ଦୃଢ଼ ହେବ । ତେଲ ନ ଲଗାଇ ସେ ଗାଧୋଇବ ନାହିଁ ।

ଗାଧୋଇବାର ମଧ୍ୟ ଗୋଟିଏ ସମୟ ଅଛି । ଅନେକ ଲୋକ ଗାଧୋଇବାକୁ ଡରନ୍ତି—ବିଶେଷ ପରିମାଣରେ ଶୀତ ଦିନରେ ହାତରେ ପାଣି ଲଗାନ୍ତି ନାହିଁ । ପିଲାଙ୍କ ମନରୁ ଏହି ଭୟ ଦୂର କରିବାକୁ ହେଲେ ଗୋଟିଏ ସହଜ ଉପାୟ ଅଛି ।

ଝାଡ଼ା ଫେରିସିବା ଲୁଗା ଯଦି ଅଲଗା କରି ଦିଆଯାଏ ତେବେ ପିଲା ସେ ଲୁଗା ପିନ୍ଧି ଘର ଭିତରକୁ ଆସିବ ନାହିଁ । ବାଧ୍ୟରେ ସେ କିଛି ସମୟ ପାଇଁ ନିଜ ଦେହର ଲୁଗା ବଦଳାଇବ । ଆଉ ଥଣ୍ଡାକୁ ଡରିବ ନାହିଁ ।

ଝାଡ଼ା ବା ପରିସ୍ରା କରି ଆସିବା ପରେ ଗୋଡ଼ହାତ ଓ ମୁହଁ ଧୋଇବା ଅଭ୍ୟାସ କରାଇଦେଲେ ସେ ନିୟମିତ ପାଣିକୁ ସୁଖ ପାଇବ, ଆଉ ଡରିବ ନାହିଁ ।

ସକାଳୁ ଉଠି ବା ଶୋଇପଡ଼ିଲେ ନିଦରୁ ଉଠି ମୁହଁହାତ ଧୋଇବା ଅଭ୍ୟାସ କରାଇଲେ ପିଲା ପାଣିକୁ ଭୟ କରିବ ନାହିଁ । ସକାଳୁ ଉଠି ମୁହଁହାତ ଧୋଇ ଝାଡ଼ା ଫେରିଯିବାର ଅଭ୍ୟାସ କରାଇବା ଉଚିତ ।

ତାହାହେଲେ ପିଲା ନିୟମ କରି ଦିନର ପ୍ରଥମ କାମରୂପେ ଝାଡ଼ା ଫେରିଯିବ । ତାହାହେଲେ ତା'ର ଦେହ ଭଲ ରହିବ । ଆଉ ସକାଳର ଥଣ୍ଡା, ନିର୍ମଳ ପବନ ଓ ପାହାନ୍ତିଆ ସୂର୍ଯ୍ୟ କିରଣ ସେ ଦେହରେ ଲଗାଇବ ।

ତାପରେ ଦାନ୍ତଘଷା । ଏବେ ଅନେକ ଲୋକ ଗ୍ଟୋଟ ପିଲାଙ୍କୁ ବ୍ରସ୍ ବ୍ୟବହାର କରିବା ଶିଖାଉଛନ୍ତି । ଏଇଟା ଠିକ୍ ନୁହେଁ । ଦାନ୍ତକାଠି ଅଭ୍ୟାସ କରାଇବା ଉଚିତ ।

ବ୍ରସ୍‌ରୁ ଭଲ ଭାବରେ ମଇଳା ଗ୍ଟଡ଼େ ନାହିଁ । ଆଉ ଏକା ବ୍ରସକୁ ପ୍ରତିଦିନ ବ୍ୟବହାର କରିବା ସ୍ୱାସ୍ଥ୍ୟ ପକ୍ଷରେ ହିତକର ନୁହେଁ । ପାଚିଲା ଆମ୍ବପତ୍ର, ପିଜୁଳି ପତ୍ର ଇତ୍ୟାଦି ବ୍ୟବହାର କରିବାର ସୁବିଧା ନ ଥିଲେ ବରଂ ପାଉଁଶ ବା ଚକ୍‌ଖଡ଼ି କିମ୍ବା ଦାନ୍ତଘଷା ପାଉଡର ବ୍ୟବହାର କରିବା ଭଲ । କିଛି ନ ହେଲେ ଚୂନା ଲୁଣ ଓ ସୋରିଷତେଲ ମିଶାଇ ଦାନ୍ତ ଘଷିବା ଉଚିତ ।

ଏବେ ଖାଲି ସଭ୍ୟ ବୋଲାଇବାରୁ ଏହି ପାଉଡ଼ର, ପେଷ୍ଟ ଓ ବ୍ରସ୍‌ର ବ୍ୟବହାର ବଢ଼ିଯାଉଛି । ସହରରୁ ମଫସଲକୁ ଆସୁଛି, ତେଣୁ ପିଲାମାନଙ୍କୁ ପିଲାବେଳୁ ଯେତେଦୂର ସମ୍ଭବ ଏହିସବୁ କୃତ୍ରିମ ଜିନିଷ ବ୍ୟବହାର ବନ୍ଦ କରାଇବା ଉଚିତ ।

ସୂର୍ଯ୍ୟୋଦୟ ବେଳେ ଗାଧୋଇବା ଅଭ୍ୟାସ ଖୁବ ଭଲ । ଶୋଇବାର ସମସ୍ତ ଉଷ୍ମତା ଦେହରୁ ଛାଡ଼ିଯାଏ । ସୂର୍ଯ୍ୟୋଦୟ ବେଳର ସୂର୍ଯ୍ୟକିରଣ ଖାଲି ଦେହରେ ପଡ଼ିବା ଉଚିତ୍ । ଅନେକ ପ୍ରକାରର ରୋଗ ଦୂର କରି ସ୍ୱାସ୍ଥ୍ୟ ବଢ଼ାଇବାକୁ ଏଇଟା ସହଜ ଉପାୟ ।

ଆମର କାର୍ତ୍ତିକ ମାସଠାରୁ ଆରମ୍ଭ କରି ଉଣାଅଧିକେ ପ୍ରାୟ ତିନମାସ ସୂର୍ଯ୍ୟୋଦୟ ବେଳେ ଗାଧୋଇବାର ବିଧି ଅଛି । ପିଲାମାନେ ଯେପରି ଏ ଅଭ୍ୟାସ କରନ୍ତି, ସେଥିପାଇଁ ସେମାନଙ୍କୁ ବୁଝାଇ ଶୁଝାଇ ଉତ୍ସାହ ଦେବା ଉଚିତ ।

ଏଥିରେ ପିଲା ଚଞ୍ଚଳ ଉଠିବା ଅଭ୍ୟାସ କରିବ । ବିଛଣା ଧରିବାକୁ ଇଙ୍କପରି ହେବ ନାହିଁ । ତା'ର ଦେହ ଭଲ ରହିବ । ମନ ମଧ୍ୟ ଭଲ ରହିବ ।

ତାପରେ ପିଲାଙ୍କୁ ପଢ଼ା ବା ଅନ୍ୟ କୌଣସି କାମରେ ସୁବିଧାରେ ଲଗାଇ ହେବ । ପିଲାର ଏ ଅଭ୍ୟାସ ରଖିବାକୁ ବଡ଼ମଣିଷମାନେ ମଧ୍ୟ ସେହିପରି ଅଭ୍ୟାସ କରିବାକୁ ବାଧ୍ୟ ହେବେ । ଫଳରେ ବଡ଼ ମଣିଷମାନଙ୍କୁ ଯଥେଷ୍ଟ ସମୟ ମିଳିବ ଓ ସେମାନେ ଲାଭବାନ୍ ହେବେ ।

## କ'ଣ କଲେ ପିଲା ପଢ଼ିବାକୁ ଚାହିଁବ ?

ପିଲା ଯଦି ପଢ଼ିବାକୁ ଲୁଚେ, ତେବେ ତୁମେ ନ ଜାଣିବା ପରି ଛଳନା କରିବା ଉଚିତ୍ । ତାହାହେଲେ ପିଲା ଜାଣିବ ଯେ ତା'ର ସେହି ଦୋଷ କେହି ଦେଖିପାରି ନାହାନ୍ତି । ସେ ନିଜର ଦୋଷରେ

ନିଜେ ଲଜ୍ଜିତ ହୋଇ ବୁଲିଲାବେଳେ ତାକୁ ପୁରସ୍କାର ଦେବା ପ୍ରତିଶ୍ରୁତି ଦେଇ ପଢ଼ିବାକୁ ପଠାଯାଇପାରେ ।

ସେ ପଢ଼ିବାକୁ ମନା କରି ଜିଦ୍ କଲେ ସେଥିପ୍ରତି ଗୁରୁତ୍ୱ ଦେବ ନାହିଁ । କିନ୍ତୁ ସବୁ ଉପାୟରେ ତାକୁ ପଢ଼ିବାକୁ ବୁଝାଇ ଶୁଝାଇ ଉତ୍ସାହିତ କରିବ ।

ନ ପଢ଼ିଲେ ମାଡ଼ ଦେବା ଭୁଲ୍ । ଏଥିରେ ପିଲା ଦିନକୁ ଦିନ ପାଠକୁ ଭୟ ଓ ଘୃଣା କରେ । ତାର ମମତା ଆଣିବାକୁ ପାଠ ନ ପଢ଼ିବାର ଅସୁବିଧା ବିଷୟରେ ବାରମ୍ବାର ବୁଝାଅ ।

କେତେକ ଲୋକ ପରୀକ୍ଷା କରି ଦେଖିଛନ୍ତି ଯେ ପାଠ ପଢ଼ୁ ନଥିବା ପିଲାକୁ ଗୋଟାଏ ଅଡ଼ୁଆ କାମରେ ଲଗାଇଲେ ସେ ସେହି କାମରୁ ଛୁଟି ପାଇବାକୁ ପଢ଼ିବାକୁ ଯିବା ବେଶି ସୁବିଧା ବୋଲି ଭାବେ । ଏହିପରି ପ୍ରତ୍ୟେକ ପିଲାର ବିଷୟକୁ ଅଲଗା ବିଚାର କରି ତା'ର ବିରକ୍ତିର କାରଣ ବୁଝି ପଢ଼ାପ୍ରତି ତା'ର ମନଯୋଗ ବଢ଼ାଇବା ଉଚିତ ।

# ପିଲାଙ୍କର କେତେକ ଦୋଷ ଦୁର୍ବଳତା

ମଣିଷ ମାତ୍ରେ ଅନେକ ପ୍ରକାରର ଦୋଷ ଥାଏ । ପିଲାବେଳୁ ସେ ସମସ୍ତ ଆରମ୍ଭ ହୋଇଥାଏ । ଆଙ୍ଗୁଠି ଚୁଚୁମିବା, ନଖ କାମୁଡ଼ିବା ଆଦି କେତେକ କୁଅଭ୍ୟାସ ସହଜରେ ଦୂର କରାଯାଇ ପାରେ ।

ପିଲାମାନେ ଉତ୍ତେଜିତ ହେଲେ ବା କୌଣସି ବିଷୟରେ ଅସ୍ୱସ୍ତି ଅନୁଭବ କଲେ ନଖ କାମୁଡ଼ନ୍ତି ବା ମୁଣ୍ଡ କୁଣ୍ଡାନ୍ତି ।

ସେତେବେଳେ ସେମାନଙ୍କୁ ଧମକ ବା ଅପମାନ ଦେଇ ଅଧିକ ଉତ୍ତେଜିତ କରିବ ନାହିଁ ।

ପିଲାର ଖେଳସାଥୀ ବା ସ୍କୁଲ ବା ଘରର ଅନ୍ୟ କୌଣସି ଅସୁବିଧାରୁ ସେ ନଖ କାମୁଡ଼ିବା ଅଭ୍ୟାସ କରେ । ତା' ପ୍ରତି ସ୍ନେହ ଆଦର ଦେଖାଇବାରେ କେହି ପାର୍ଥକ୍ୟ କଲେ ଅସନ୍ତୁଷ୍ଟ ହୋଇ ସେ ଏହିସବୁ ଦୋଷ ଅଭ୍ୟାସ କରେ ।

ବଡ଼ ପରିବାରରେ ବେଳେ ବେଳେ ପିଲାଙ୍କୁ ଅତିରିକ୍ତ ଗେହ୍ଲା କରାଯାଏ କିମ୍ବା ନଜରରେ ରଖାଯାଏ । ହଠାତ୍ ପୁଣି ସେମିତି ଆଉ ଗୋଟିଏ ପିଲା ହେଲେ ବା ଅନ୍ୟ କୌଣସି କାରଣରୁ ସେହି ସ୍ନେହ କମିଗଲେ ସେ ଅସନ୍ତୁଷ୍ଟ ହୁଏ ।

ଅତିରିକ୍ତ ନଜରରେ ରଖିବା ପିଲାର ଭବିଷ୍ୟତ ପାଇଁ ଅନୁକୂଳ ନୁହେଁ । ସବୁବେଳେ କାଖରେ, କାନ୍ଧରେ ବସାଇଲେ ପିଲାର ଯେମିତି ଭଲ ହୁଏ ନାହିଁ ସେମିତି ଅତିରିକ୍ତ ନଜରରେ ରଖିଲେ ପିଲା ବିଗିଡ଼ି ଯାଏ ।

ପିଲାର ମୁହଁ ଉପରେ ଗୁଡ଼ାଏ ପ୍ରଶଂସା କଲେ ତା'ର ତ ଖରାପ ହୁଏ, ପୁଣି ହଠାତ୍ ପ୍ରଶଂସା ବନ୍ଦ କରିଦେଲେ ତା'ର ମନ ଉପରେ ଆଘାତ ଆସେ ।

ଏଥିରୁ ଦେଖାଯାଉଛି ଯେ ବାପମାଙ୍କର ଗୋଟିକରୁ ଅଧିକ ପିଲା ଥିଲେ ସେମାନେ ବିଶେଷ ପରିମାଣରେ ବିବେକୀ ଓ ବିଚାରବାନ୍ ହେବା ଉଚିତ । ସେମାନେ ସେତେବେଳେ ଆପଣା ଆପଣା ଭିତରେ କଳିଗୋଳ ଲଗାଇଲେ ବା ପିଲା ଓ ପିଲା ମଧ୍ୟରେ ପକ୍ଷପାତ କଲେ ପିଲାର କ୍ଷତି ହୁଏ ।

ବୟସ ଅନୁସାରେ ସେମାନେ ନଖ କାମୁଡ଼ିବା ଓ ଆଙ୍ଗୁଠି ଚୁଚୁମିବା ଆଦି ଅଭ୍ୟାସ କରନ୍ତି ।

ଆଙ୍ଗୁଠି ଚୁଚୁମିବା ଅଭ୍ୟାସ ଦାନ୍ତ ଓ ପାଟିର ଗଢ଼ଣ ଖରାପ କରିଦିଏ ବୋଲି ଦାନ୍ତ ଡାକ୍ତରମାନେ କହନ୍ତି । ଅନ୍ୟ ଡାକ୍ତରମାନେ ଏଥିରେ ଏକମତ ନ ହେଲେ ବି ସବୁବେଳେ ହାତ ଅଇଁଠା କରିବା ଗୋଟାଏ ଅସ୍ୱାସ୍ଥ୍ୟକର ଅଭ୍ୟାସ ।

କୌଣସି କାରଣରୁ ପିଲାର ମନ ଉତ୍ତେଜିତ ହେଲେ ଓ କାମରେ ମନ ନ ଲଗିଲେ ଏହି ଖରାପ ଅଭ୍ୟାସ କରେ । ଏହି ଅଭ୍ୟାସମାନ ଢ଼ଣା ଅଧିକ ସମସ୍ତଙ୍କର ଥାଏ ।

ତେଣୁ ଏସବୁ ଅଭ୍ୟାସ ଦେଖିଲେ ପିଲାର ସୁବିଧା ଅସୁବିଧା ପ୍ରତି ବାପ ମାଆଙ୍କର ଦୃଷ୍ଟି ରଖିବା ଉଚିତ । ପିଲା ନ ଜାଣିବା ପରି ତା'ର ଆଙ୍ଗୁଠିରେ ଲିମ୍ବ, ଚିରେଇତା ବା କୁଇନାଇନ୍ ନ ଲଗାଇ ତାକୁ କୌଣସି କାମରେ ଲଗାଇବା ଉଚିତ୍ । ଗାଳିମାଡ଼ ଦେଲେ ଏହି ଅଭ୍ୟାସ ଯାଏ ନାହିଁ । ତାହାର ଅସୁବିଧା ହେଲେ ଅଭ୍ୟାସ ଆପଣା ଛାଏଁ ଛାଡ଼ିଯାଏ ।

ପରୀକ୍ଷା କରି ଦେଖାଯାଇଛି ଯେ ଜଣେ ମା ତା'ର ପିଲାର ଅଭ୍ୟାସ ଛଡ଼ାଇବା ପାଇଁ ତା'ର ଆଙ୍ଗୁଠିମାନଙ୍କରେ କୁଇନାଇନ ଗୁଣ୍ଡ ଲଗାଇ ଦେଇଥିଲା । ପିଲା ଜାଣିପାରିଲା । ସେ ହାତ ଭଲକରି ଧୋଇ ଆଖି ବୁଜି କେତେଥର ଚୁଚୁମି ପିତାପାଣି ଫୋପାଡ଼ି ଦେଇ ପୁଣି ଚୁଚୁମିବାରେ ଲଗିଲା । ତେଣୁ ଏପରି ବ୍ୟବସ୍ଥା ନକରି ପିଲାର ଦାୟିତ୍ୱଜ୍ଞାନ ବଢ଼ାଇବା ପୂର୍ବରୁ ନିଜର ମଧ୍ୟ ବିଚାରଶକ୍ତି ବଢ଼ାଇବା ଉଚିତ ।

# ପିଲାଙ୍କୁ କିପରି ଦାୟିତ୍ୱବୋଧ ଶିଖାଇବ ?

ଜିନିଷ ଭାଙ୍ଗିବା, ଚିରିବା, ଘର ଜିନିଷ ପଦାରେ ଦେବା, ଖରାପ ଅଭ୍ୟାସ କରିବା ଇତ୍ୟାଦି ଦାୟିତ୍ୱବୋଧ ନଥିବାର ଲକ୍ଷଣ ।

ପିଲାଙ୍କର ଦାୟିତ୍ୱବୋଧ ବଢ଼ାଇବା ପାଇଁ ଗାଳି ପରାମର୍ଶ ବା ମାଡ଼ଗାଳି ଉପଯୁକ୍ତ ବାଟ ନୁହେଁ । ବରଂ ପିଲାଙ୍କୁ କିଛି ଜିନିଷ ବ୍ୟବହାର କରିବାକୁ ଦେଇ, ତାହାର ସୁବିଧା ଅସୁବିଧା ଭୋଗି ପିଲାଙ୍କୁ ଶିଖାଇବା ଉଚିତ ।

କାଚବୋତଲ ଔଷଧପତ୍ର ଓ କାଚ ଜିନିଷ ପିଲା ଭାଙ୍ଗିଦେବେ ବୋଲି ସାଧାରଣରେ ସମସ୍ତେ ପିଲାଙ୍କର ହାତ ନ ପାଇବା ଭଳି ଜାଗାରେ ରଖନ୍ତି । କିନ୍ତୁ ପିଲାଙ୍କର ତ ଗୋଟାଏ କୌତୂହଳ ଅଛି । ନ ମିଳୁଥିବା ଜିନିଷକୁ ସେ ଖୋଜନ୍ତି ।

ତେଣୁ ପିଲାକୁ ଘରର ଜିନିଷପତ୍ର ବିଷୟରେ ବାରମ୍ବାର କହି ସାବଧାନ କରାଇବା ଉଚିତ । ଔଷଧ ଖାଇଲେ ରୋଗ ଦୂର ହୁଏ । ଭଲ ମଣିଷ ଔଷଧ ଖାଇଲେ ରୋଗରେ ପଡ଼େ । ଔଷଧରେ ବିଷ ଥାଏ । ବିଷ ଖାଇଲେ ମଣିଷ ମରେ ।

ପିଲାମାନଙ୍କୁ ଅମୁକ ଜିନିଷ ଛୁଇଁବୁ ନାହିଁ ନ କହି ସେହି ଜିନିଷ ବିଷୟରେ ଭଲ କରି ବୁଝାଇଲେ ପିଲାର ଦାୟିତ୍ୱଜ୍ଞାନ ବଢ଼େ ।

ସମସ୍ତେ ଦେଖିଥିବେ, ଜଳଖିଆ ଦୋକାନ ଥିବା ଲୋକର ପିଲା ଦୋକାନ ଜଳଖିଆ ଖାଆନ୍ତି ନାହିଁ । ସମସ୍ତଙ୍କ ଘରେ ବି ଭୋଗପାଇଁ ଥୁଆ ହୋଇଥିବା ଜିନିଷକୁ ଅଇଁଠା କରନ୍ତି ନାହିଁ । କାଗଜପତ୍ର ଥିବା ଘରର ପିଲାମାନେ ନ କହି କାଗଜ ପତ୍ର ନେଇ ଚିରନ୍ତି ନାହିଁ ।

ତେଣୁ ଦେଖଯାଉଛି ଯେ ପିଲାର ଦାୟିତ୍ୱଜ୍ଞାନ ବଢ଼ାଇବାକୁ ତା'ର ଜ୍ଞାନ ବଢ଼ାଇବା ଉଚିତ । ଖାଲି ଦୂରରେ ରଖିବା ବା ନାନା ପ୍ରକାରର ବାରଣ ଦେଇ ପିଲାଙ୍କୁ ସଂଶୋଧନ କରିବା ସମ୍ଭବ ନୁହେଁ ।

ପିଲାର ଜ୍ଞାନ ଓ ଦାୟିତ୍ୱବୋଧ ବଢ଼ିଲେ ସେ ଘରର ଜିନିଷ ବିଷୟରେ ମଧ୍ୟ ସତର୍କ ରହିପାରିବେ ।

## ପିଲାମାନଙ୍କୁ ଘର ଜିନିଷ ବିଷୟରେ କିପରି ସତର୍କ ରଖାଇବ ?

ପ୍ରତ୍ୟେକ ଜିନିଷରୁ ପିଲାମାନଙ୍କୁ ଦୂରରେ ରଖି ଚଳିବାଠାରୁ ପିଲାଙ୍କ ଜିମାରେ ଜିନିଷ ଦେବା ବେଶି ସୁବିଧାଜନକ । ଜିନିଷ ଦେଇ ତାଙ୍କୁ ସେ ବିଷୟରେ ବୁଝାଇବ ଓ ସାବଧାନ କରାଇବ । ଏପରି ଶିକ୍ଷା ଦେଇଥିଲେ ପିଲାମାନେ ଅନ୍ୟ ଲୋକ ଘରକୁ ଗଲେ ବି ପରଘର ଜିନିଷ ସାଙ୍ଗରେ ଲାଗିବେ ନାହିଁ ।

ଏପରିକି ପିଲାଙ୍କ ଜିମାରେ ଫୁଲଫଳ ଗଛ ମଧ୍ୟ ରଖାଯାଇପାରେ । ଅଯଥା ଫୁଲ ଛିଣ୍ଡାଇଲେ ଫୁଲଭଉଣୀ ମା କାନ୍ଦିବ—କହି ପିଲାଙ୍କୁ ସନ୍ତୋଷଜନକ ଭାବରେ ବୁଝାଇଥିଲେ ଅଯଥାରେ ପିଲାମାନେ ଫୁଲ ଛିଣ୍ଡାଇବେ ନାହିଁ ।

ଛୋଟ ଛୋଟ ପୋକଜୋକ ବିଷୟରେ ପିଲାଙ୍କୁ ମଧ୍ୟ ସତର୍କ କରାଯାଇପାରେ । ପିଲାମାନଙ୍କ ମନରେ ଛୋଟ ଜନ୍ତୁଙ୍କ ପ୍ରତି ଦୟା, ଗଛଲତା ପ୍ରତି ସ୍ନେହ ଜନ୍ମାଇ ପାରିଲେ ପିଲାମାନେ ଉପଯୁକ୍ତ ଯତ୍ନ ନେଇପାରନ୍ତି ।

କେଉଁ ଜିନିଷ ପିଲାର, ଆଉ କିଏ ବାପମାଙ୍କର ଭଲ କରି ଜାଣିଥିଲେ ପିଲାମାନେ ବାପମାଙ୍କର ଜିନିଷ ନେବାକୁ ଅଯଥା ଜିଦ୍ କରନ୍ତି ନାହିଁ । ଓଲଟି ଜିନିଷପତ୍ର ଉପଯୁକ୍ତ ଭାବରେ ସଜାଡ଼ି ରଖନ୍ତି ।

କାହାର କେଉଁ ଜିନିଷ ବାଛି ଠିକ୍ ଜାଗାରେ ରଖନ୍ତି । ଏପରି ପିଲା ଗୋଟିଏ କାର୍ଯ୍ୟଦକ୍ଷ ଗୃହିଣୀଠାରୁ ମଧ୍ୟ ଅଧିକ ପାରଙ୍ଗମ ।

ଏହି ଦାୟିତ୍ୱବୋଧ କେବଳ ଜିନିଷପତ୍ରରେ ନୁହେଁ, ସାଧାରଣ ବ୍ୟବହାରରେ ମଧ୍ୟ କରାଇବା ସମ୍ଭବ । ମା ବା କେହି ବଡ଼ ମଣିଷ କଥା କହିଲାବେଳେ ଅଭଦ୍ରଙ୍କ ପରି ତାଙ୍କୁ ବ୍ୟସ୍ତ କରିବା ଉଚିତ ନୁହେଁ । ଏଇ ଶିକ୍ଷା ଦିଆଗଲେ ପିଲାମାନେ ମଧ୍ୟ ଏହାକୁ ଭଲଭାବରେ ପାଳିପାରନ୍ତି ।

ଅନ୍ୟାନ୍ୟ ପିଲାଙ୍କୁ ଖରାପ କଥା କହିବା, ଗୋଇଠା ମାରିବା ବା ଖତାଇ ହେବା ଖରାପ ବୋଲି ବୁଝାଇଦେବା ବାପମାଙ୍କର କର୍ତ୍ତବ୍ୟ । ପିଲାମାନଙ୍କୁ ଏଥିପାଇଁ କଡ଼ା ନଜରରେ ରଖିବା ଆବଶ୍ୟକ ଓ ଦରକାର ହେଲେ ଶାସ୍ତି ଦେବା ଉଚିତ ।

ମୋଟାମୋଟି କଥା ହେଲା ଯେ ପିଲାମାନଙ୍କୁ ସବୁ ଉପାୟରେ ଭଲ କଥା ଶିଖାଇବା ଉଚିତ । ସାନ ପିଲାଙ୍କୁ ବଡ଼ ମଣିଷପରି ବ୍ୟବହାର କଲେ ସେମାନେ ଠିକ୍ ବଡ଼ ମଣିଷଙ୍କ ପରି ଚଳନ୍ତି ।

ଆମର ଅଧିକାଂଶ ଲୋକେ ପିଲାଙ୍କୁ ବୁଦ୍ଧି ନାହିଁ ବୋଲି କହି ବଡ଼ ହେୟ ଆଖିରେ ଦେଖନ୍ତି । ତେଣୁ ପିଲା ଉପଯୁକ୍ତ ଭାବରେ ବଢ଼ିପାରେ ନାହିଁ । ଆଉ ମଧ୍ୟ ଈଶ୍ୱର-ଭକ୍ତି ଓ ଧର୍ମଶିକ୍ଷା ଦେବାକୁ ଅଧିକାଂଶ ଲୋକେ ହେଳା କରିଥାନ୍ତି । କିନ୍ତୁ ଧର୍ମଶିକ୍ଷା ଦେଇ ପିଲାଙ୍କୁ ପିଲାଦିନରୁ ଚଢ଼ାଇ ଆଣିଲେ ବହୁତ ଉପକାର ମିଳେ ।

# ପିଲାଙ୍କୁ କିପରି ଧର୍ମଶିକ୍ଷା ଦେବ ?

ପିଲାଙ୍କୁ ଧର୍ମଶିକ୍ଷା ଦେବା ଉଚିତ । ପ୍ରତ୍ୟେକଙ୍କ
କୌଣସି ନା କୌଣସି ଠାକୁର ଅଛନ୍ତି । ଗୋଡ଼ହାତ
ସକାଳ ଓ ସଂଧ୍ୟାରେ ଟିକିଏ ଆଖି ବୁଜି ବସିବାକୁ ଓ ଠାକୁ
ଦଣ୍ଡବତ କରିବାକୁ ପିଲାଙ୍କୁ ଶିଖାଇବା ଉଚିତ୍ ।

ଠାକୁର ପବିତ୍ର । ତେଣୁ ତାଙ୍କ ପାଖକୁ ଅପବିତ୍ର
ଆସିବା ଉଚିତ ନୁହେଁ । ପ୍ରତ୍ୟେକ ଭଲ ଜିନିଷ ଠାକୁର ଦେଇ
ତେଣୁ ଭଲ ହେଲେ ଠାକୁର ନେବେ—ଇତ୍ୟାଦି ବିଷୟ
ଧୀରେ ପିଲାର ମନ ନେଇ ଶିଖାଇବା ଉଚିତ ।

ତାହାହେଲେ ପିଲା ମନରେ ଧର୍ମ-ବିଶ୍ୱାସ ବଢ଼ିବ
ମଧ୍ୟ ତା'ର ଜୀବନକୁ ନିଜ ଚେଷ୍ଟାରେ ଧର୍ମର ପୋଷକ
ଚଳାଇପାରିବ । ଅସହିଷ୍ଣୁ ବା ସ୍ୱାର୍ଥପର ହେବ ନାହିଁ
ଓ ଶ୍ରେୟର ଆଦର କମ୍ କରିବ ।

# ଅମାନିଆଁ ପିଲାଙ୍କୁ ଦଣ୍ଡ ଦେବା ଉଚିତ

ବାପମା ମନେ ରଖିବା ଉଚିତ ଯେ ପିଲା ତାଙ୍କର
ଶାନ୍ତ ବା ଦୁଷ୍ଟ ହୁଏ । ତେଣୁ ପିଲାର କୌଣସି ଦୋଷ ଦେ
ହଠାତ୍ ତା' ଉପରେ ମାଡ଼ ଗାଳି ଲଦିବା ଉଚିତ ନୁହେଁ ।

ମନେ କରନ୍ତୁ, ଗୋଟିଏ ପିଲା କାନ୍ଥ ଓ କବାଟରେ ଖଡ଼ି ନେଇ ଗାରଉଛି । ବାପମା ଥରେ ମନା କଲେ । ପିଲା ଶୁଣିଲା ନାହିଁ । ଏଥିରେ କ'ଣ ସେମାନେ ବିରକ୍ତ ହେବା ଉଚିତ ନୁହେଁ ?

ବିରକ୍ତ ହେବା ଅତି ସ୍ୱାଭାବିକ । ସବୁ ପିଲା ସେପରି କରନ୍ତି ନାହିଁ । କେତେକ ବଡ଼ ଘରେ ପିଲାଙ୍କୁ ଏପରି ଶୃଙ୍ଖଳା ଶିଖାଇ ଦିଆ ହୋଇଥାଏ ଯେ ସେମାନେ କାନ୍ଥ ଓ କବାଟକୁ ଖରାପ କରନ୍ତି ନାହିଁ । ତେଣୁ ଯେଉଁଠାରେ ପିଲା ସେପରି କରୁଛି, ସେଠାରେ କ'ଣ ବୁଝିବାକୁ ହେବ ନାହିଁ ଯେ ଦୋଷ ବଡ଼ ମଣିଷଙ୍କର ?

ଆମେ ତ ଦେଖୁଛୁ ବଡ଼ ମଣିଷମାନେ ପାନ ଖାଇଲାବେଳେ ଏଠିସେଠି ପାନ ପିକ ପକାଉଛନ୍ତି । କାନ୍ଥ କବାଟରେ ଚୂନ ଲେସୁଛନ୍ତି । ସେମାନଙ୍କ ମନରେ ତ ଧାରଣା ହେଉ ନାହିଁ ଯେ ସେପରି କରିବା ଅର୍ଥ ପରିଷ୍କାର ଜିନିଷକୁ ଅପରିଷ୍କାର କରିବା ।

ତେଣୁ ପିଲାର କିଛି ଗୋଟାଏ ଭୁଲ ଦେଖିଲେ ତାଙ୍କ ଉପରେ ବିରକ୍ତ ନହୋଇ ନିଜ ଉପରେ ବିରକ୍ତ ହେବା ଉଚିତ । ପିଲାର ଧୂଳିଘର ଉପରେ କେହି ଅତ୍ୟାଚାର କଲେ ସେ ବିରକ୍ତ ହୁଏ । ଘର ଭାଙ୍ଗିଲା କୋଲି କାନ୍ଦେ । ଏପରି ଅବସ୍ଥାରେ ପିଲା-ମାନଙ୍କୁ ଶିଖାଇ ହେବ ଓ ଶିଖାଇବା ମଧ୍ୟ ସହଜ ।

ଏଥିରୁ ଆମେ ବୁଝିପାରୁଛୁ ଯେ ସବୁ କ୍ଷେତ୍ରରେ ପିଲାମାନଙ୍କୁ ଦଣ୍ଡ ଦେବା ଉଚିତ ନୁହେଁ ।

# ପିଲାଙ୍କର ଆଉ କେତେକ ଦୋଷ ଦେଖିଲେ କ'ଣ କରିବ ?

ଦୁଇଟି ବିଷୟ ସାଧାରଣରେ ଦେଖାଯାଏ । ପିଲା ଲଙ୍ଗଳା ହେଉଛି ଓ ପିଲା ବିଛଣାରେ ଝାଡ଼ା ପରିସ୍ରା କରୁଛି ।

ପିଲା ତ ଲୁଗା ପିନ୍ଧିବାକୁ ଚାହେଁ ନାହିଁ । ଏଇଟା ଗୋଟାଏ ଅଡୁଆ ପରି ତାକୁ ଲାଗେ । ତେଣୁ ଯାହା ପିନ୍ଧିଲେ ତାକୁ ସୁନ୍ଦର ଦିଶିବ, ସେପରି ଜିନିଷ ପିନ୍ଧାଇବା ଉଚିତ । ପିଲାର ଗୋଟିଏ ଜନ୍ମଗତ ଗୁଣ ହେଲା ଯେ ସେ ସୁନ୍ଦର ହେବାକୁ ଚାହେଁ । ତେଣୁ ପିଲାକୁ ତା'ର ସୌନ୍ଦର୍ଯ୍ୟ-ଜ୍ଞାନ ଦ୍ୱାରା ଲୁଗା ପିନ୍ଧିବାକୁ ଉତ୍ସାହ ଦେବ ।

ଯେତେବେଳେ ପିଲା ବୁଝିବ ଯେ ଲୁଗା ପିନ୍ଧିଲେ ସେ ସୁନ୍ଦର ଦିଶୁଛି, ସେତେବେଳେ ସେ ଆପଣାଛୁଏଁ ଲୁଗା ପିନ୍ଧି ବାହାରକୁ ଯିବାକୁ ଜିଦ୍ କରିବ ।

ପିଲାଙ୍କୁ ରେସମ୍ ଓ ଅନ୍ୟାନ୍ୟ ପ୍ରକାରର ଲୁଗା ନ ଦେଇ ସୂତା ଲୁଗା ପିନ୍ଧିବାକୁ ଦେବା ଭଲ । ଆଉ ଏପରି ପୋଷାକ ହେବା ଉଚିତ ଯେ ପିଲାର ଖେଳବୁଲା ଇତ୍ୟାଦିରେ ବାଧା ପଡ଼ିବ ନାହିଁ ।

ଏଇ ଲୁଗା ଉପରେ ତା'ର ବିଛଣାରେ ଝାଡ଼ା ପରିସ୍ରା କରିବା ଅଭ୍ୟାସ କେତେକ ଅଂଶରେ ନିର୍ଭର କରୁଛି । ନିଜର ଲୁଗା ଓ ବିଛଣା ସଫା ନ ରହିଲେ ପିଲାକୁ ଖରାପ ଲାଗିବ । ତେଣୁ ତା' ମନରେ ସୌନ୍ଦର୍ଯ୍ୟ-ବୋଧ ଆସିଲେ ଆପଣା ମନକୁ ତା'ର ରୁଚି ବଦଳିବ ।

ଜାଣି ଜାଣି ପିଲା ବିଛଣା ମଇଳା କରେ ନାହିଁ । ସେପରି ଦେଖିଲେ ବାପମାଙ୍କର କର୍ତ୍ତବ୍ୟ ହେଉଛି ଯେ ପିଲାକୁ ଶୋଇବାକୁ ଯିବା ପୂର୍ବରୁ ପରିସ୍ରା ଇତ୍ୟାଦି କରାଇ ଶୁଆଇବେ ଓ ଆବଶ୍ୟକ ହେଲେ ମଝିରେ ଉଠାଇ ପରିସ୍ରା କରାଇ ନେବେ ।

ଏଇ ଦୋଷ କେତେ ବଡ଼ ମଣିଷଙ୍କର ଅଛି । ଗାଧୋଇବା ପୂର୍ବରୁ ପରିସ୍ରା ନକରି ଅନେକ ବଡ଼ ମଣିଷ ଗାଧୋଇଲା ବେଳେ ଲୁଗାରେ ପରିସ୍ରା କରନ୍ତି । ଦୋଷ ହୋଇଥିଲେ ବଡ଼ ମଣିଷଙ୍କର ଏ ଦିଗରେ ଦୋଷ ବେଶୀ । ତେଣୁ ସେମାନେ ପିଲାର ରୁଚି ଓ ଅଭ୍ୟାସ ବଦଳାଇବାକୁ ଚେଷ୍ଟା ନକରି ତା ଉପରେ ଅଯଥା ବିରକ୍ତ ହେବା ଉଚିତ ନୁହେଁ ।

## ମୁହଁ-ଚୋରା ପିଲାଙ୍କୁ କିପରି ଚଳାଇବ ?

କେତେଗୁଡ଼ିଏ ପିଲା ଜନ୍ମରୁ ଟିକିଏ ଡରକୁଳା ଓ ମୁହଁଚୋରା । ଏଇଟା ଗୁଣ ଅଧିକେ ବଡ଼ ହେବାଯାଏ ରହେ । ଏପରି ପିଲା ଯେ ନିଶ୍ଚୟ ବଡ଼ଦିନକୁ ଖରାପ ହେବେ, ଏପରି କୌଣସି ନିର୍ଦ୍ଦିଷ୍ଟ କଥା ନାହିଁ ।

ପିଲାଦିନରୁ କୌଣସି ଗୋଟିଏ ବିଷୟରେ ଗୁଡ଼ାଏ ଅସୁବିଧା ରହିଗଲେ ପିଲା ଡରକୁଳା ଓ ମୁହଁଚୋରା ହୁଏ । ଗୋଟିଏ ହେଲା— କେତେକ ନିର୍ଦ୍ଦିଷ୍ଟ ଶାରୀରିକ ଦୁର୍ବଳତା ବା ଅକ୍ଷମତା । ପିଲା ଜନ୍ମରୁ ଚୈରା, ଖନା କିମ୍ବା ଚୁଗୁଟା । ତା'ର ସାଙ୍ଗସାଥିମାନଙ୍କଠାରୁ ସେ ତ ଦେହତଉ ଦୁର୍ବଳ ଓ ଅକ୍ଷମ । ଏଟଣ ବୁଦ୍ଧି ଖାଜଲ ହୋଇ ନାହିଁ ।

ଏପରି ଅବସ୍ଥାରେ ତା'ର ଲାଜ, ଭୟ ବା ଡରକୁ ସହାନୁଭୂତି ସହିତ ବିଗ୍ଭର ନକରି ତା'ର ଦୁର୍ବଳତାର ସୁବିଧା ନେଇ ତାର ନିନ୍ଦା କରିବା ଉଚିତ ନୁହେଁ ।

ଏପରି ଦୋଷ ଦୁର୍ବଳତା ଥିଲେ ବାପମା ତା'ର ମନରୁ ଏଇ ଦୁର୍ବଳତା ଦୂର କରିବାକୁ ସବୁପ୍ରକାରରେ ଉତ୍ସାହ ଦେବା ଉଚିତ । ବୃଥାରେ ପିଲାକୁ ନେଇ ସମସ୍ତଙ୍କ ସାଙ୍ଗରେ ଏକାଠି ପକାଇ ତା'ର ମନ ଉପରେ ଅତ୍ୟାଗ୍ଭର କରିବା ଉଚିତ ନୁହେଁ, ଖାଲି କଥାରେ ସମାଲୋଚନା କଲେ ପିଲାର ଲାଭ ହେବ ନାହିଁ ।

ମନେ ରଖିବା ଉଚିତ ଯେ ଯେଉଁ ପିଲା ଯେପରି ପରିବାରରୁ ଆସିଛି; ତା'ର ସେହି ପରିବାର ଅନୁଯାୟୀ କେତେକ ଦୋଷଗୁଣ ରହିବ । ତେଣୁ ପିଲାମନରେ ଯେପରି ଉଚିତ ଭାବ ନରହେ ସେଥିପ୍ରତି ଚେଷ୍ଟା ହେବା ଉଚିତ ।

ଖାଲି ପିଲାକୁ ମୁହଁଫିଟା କରି ତାକୁ ଅଭଦ୍ର କରିବା ଉଚିତ ନୁହେଁ । ଲାଜକୁଳା ପିଲା ଯେତିକି ଅସୁବିଧା, ଅଭଦ୍ର ପିଲା ତହିଁରୁ ବେଶି ଖରାପ ।

ମୋଟା ମୋଟି କଥା ହେଲା ଯେ ସବୁ ଦିଗକୁ ଦୃଷ୍ଟି ରଖି ବାପମା ପିଲାଙ୍କୁ ଚଳାଇବେ ।

## ସାନ ପିଲାଙ୍କୁ ପାଣି ପିଆଇବ କିପରି ?

ପିଲା ପାଣି ପିଇବା ଶିଖିବା ଉଚିତ । ଅନେକ ସମୟରେ ପିଲାମାନେ ପାଣି ପିଇ ତାଙ୍କର ତାଳୁରେ ଲାଗିବାରୁ ପାଣି ପିଇବାକୁ ଡରନ୍ତି । ପିଇ ଜାଣି ନଥିବାରୁ ପିଅନ୍ତି ନାହିଁ ।

ଏପରି ସ୍ଥଳରେ ମା'ମାନେ ମନେକରନ୍ତି ଯେ ଚିନିପାଣି ଦେଲେ ପିଲା ପିଇବ । ଜୋର ଜବରଦସ୍ତି ନକଲେ ପିଲା ପାଣି ପିଇବ ନାହିଁ । ଏହାର ଫଳ ଭଲ ହୁଏ ନାହିଁ । ଇଚ୍ଛା ବିରୁଦ୍ଧରେ କୌଣସି ଜିନିଷ ଖୁଆଇଲେ ଯେପରି ବାନ୍ତି ହୁଏ, ସେମିତି ଜୋର ଜବରଦସ୍ତିରେ ପାଣି ପିଆଇଲେ ଭଲ ହୁଏ ନାହିଁ ।

ଦେହ ଭଲ ରଖିବାକୁ ପିଲାଙ୍କୁ ଯଥେଷ୍ଟ ପାଣି ଦେବା ଉଚିତ । ଉପଯୁକ୍ତ ପରିମାଣ ପାଣି ନ ପିଇଲେ ଝାଡ଼ା କଠିନ ହୁଏ । ଯେତେ ଦୂର ସମ୍ଭବ, ପ୍ରାକୃତିକ ଉପାୟରେ ଓ ସାଧାରଣ ଅବସ୍ଥାରେ ପିଲାଙ୍କୁ ରଖିବ ।

କେତେକ ସ୍ଥାନରେ ପିଲାର ଝାଡ଼ା କଠିନ ହେଲେ ସେ ଝାଡ଼ା ଫେରିବାକୁ ଅମଙ୍ଗ ହୁଏ । ତେଣୁ କେହି ପାନଶିରା ଓ କେହି କେହି ଗ୍ଲିସେରିନ ଆଦି କେତେକ ଔଷଧ ଦ୍ୱାରା ଝାଡ଼ା କରାଇବାର ବ୍ୟବସ୍ଥା କରନ୍ତି । କିନ୍ତୁ ଏପରି କୌଣସି ଅଭ୍ୟାସ କରାଇବା ଉଚିତ ନୁହେଁ ।

## କେଉଁ ବୟସରେ ପିଲାଙ୍କୁ ବିଶେଷ ଦୃଷ୍ଟି ଦେବ ?

ପିଲା ବଡ଼ ହେବାଯାଏ ସବୁବେଳେ ସାବଧାନ ରହିବା ଆବଶ୍ୟକ; ହେଲେ ବି ସାଧାରଣରେ ପିଲା ଦୁଇ ବର୍ଷ ପାର ହେବା ପରେ ତା' ପ୍ରତି ସତର୍କ ରହିବା ଉଚିତ ।

ସେଇ ବୟସରେ ପିଲାର ଜ୍ଞାନ ଆସେ । ପିଲା ନିଜକୁ ବଡ଼ ମଣିଷ ବୋଲି ଭାବେ । ସେତିକିବେଳେ ପିଲା ଯାହାକୁ ଭଲ ପାଏ; ସେହି ତା'ର ଆଦର୍ଶ ହୁଏ ।

ଏଇ ସମୟରେ ପିଲାକୁ ଉପଯୁକ୍ତ କରି ଗଢ଼ିବାର ସମୟ । ଏହି ସମୟରେ ପିଲା ଆଗରେ ଉପଯୁକ୍ତ ଆଦର୍ଶ ରହିବା ଆବଶ୍ୟକ । ଆଦର୍ଶ ଖୋଜିବା ସହଜ ନୁହେଁ ।

ତେଣୁ ବାପମା ନିଜକୁ ସବୁ ବିଷୟରେ ପିଲାର ଆଦର୍ଶ ପରି ହେବାକୁ ଚେଷ୍ଟା କରିବା ଉଚିତ । ଏତିକିବେଳେ ଘରର ପ୍ରଭାବ ବିଶେଷ ପରିମାଣରେ ପଡ଼ୁଥିବାରୁ ଘର ଯେପରି ପିଲାର ଭବିଷ୍ୟତ ଜୀବନ ଗଢ଼ିବ; ସେହି ଦିଗକୁ ଦୃଷ୍ଟି ରଖିବା ଉଚିତ ।

ଏହି ବୟସରେ ପିଲା ନିଜର ମତ ଜାହିର କରିବାକୁ ଚେଷ୍ଟା କରେ । କିନ୍ତୁ ସେ ପିଲା ବୋଲି ବାପମା ଓ ଅନ୍ୟାନ୍ୟ ବଡ଼ ମଣିଷମାନେ ତାକୁ ଏକାବେଳକେ ନାପସନ୍ଦ କରନ୍ତି । ଫଳରେ ପିଲା ଜିଦ୍‌ଖୋର ହୁଏ ।

ଏଇ ଜିଦ୍ ବଡ଼ ମଣିଷଙ୍କୁ ଖରାପ ଲାଗେ ବୋଲି ସେମାନେ ତା' ଉପରେ ବିରକ୍ତ ହୁଅନ୍ତି । କିନ୍ତୁ ପିଲାର ଜିଦ୍ ଗଢ଼ିବାର କାରଣ ବୁଝି ତା'ର ପ୍ରତିକାର କରିବା ଉଚିତ ।

କେବଳ ପରିଶ୍ରମକୁ ଡରି ବଡ଼ ମଣିଷମାନେ ପିଲାଙ୍କୁ ବେଖାତିର କରନ୍ତି । ଫଳରେ ପିଲା ସବୁବେଳେ ନିଜକୁ ଏକୁଟିଆ ବୋଲି ଭାବେ । ପରୀକ୍ଷା କରି ଦେଖାଯାଇଛି ଯେ ଏହି ସମୟରେ ଯେବେ ପିଲାଙ୍କୁ ବଡ଼ ମଣିଷ ବୋଲି ବିଚାର କରି ପ୍ରତ୍ୟେକ ବିଷୟରେ ତା'ର ମତାମତ ନିଆଯାଏ, ତେବେ କିଛି ଖରାପ ହୁଏ ନାହିଁ ।

ଏ ବୟସରେ ସ୍ନେହୀ, ବିବେକୀ ଓ ଚରିତ୍ରବାନ୍ ହେବାର ମୂଳଦୁଆ ପଡ଼େ । ତେଣୁ ଏହି ବୟସରେ ପିଲାକୁ ଯେତେ ଦୂର ସମ୍ଭବ ନୀତିଶିକ୍ଷାମୂଳକ ଗଳ୍ପ ଆଦି କହିବା ଉଚିତ । ଆଉ ସମସ୍ତେ ଯଦି ନିଜର କାମଧନ୍ଦା ଅଛି ବୋଲି ପିଲାକୁ ଏକୁଟିଆ କରି ଛାଡ଼ି ଦିଅନ୍ତି, ତେବେ ସେ ନାନା ଖରାପ ବୁଦ୍ଧି ଓ ଉପାୟ ପାଞ୍ଚେ ।

ସେତେବେଳେ ସେ ସମସ୍ତଙ୍କୁ ସ୍ୱାର୍ଥପର ବୋଲି ଭାବେ । ତା' ପ୍ରତି କେହି ମନ ଦେଉ ନାହାନ୍ତି ବୋଲି ଅଭିମାନ କରେ । ଶେଷକୁ ସେ ଏଇ କାରଣରୁ ସ୍ୱାର୍ଥପର ହେବାକୁ ଶିଖେ ।

ସେତିକିବେଳେ ଯଦି ପିଲାକୁ ସ୍ୱାର୍ଥପର ନ ହେବାକୁ ଶିକ୍ଷା ଦିଆଯାଏ, ତେବେ ଭବିଷ୍ୟତକୁ ସେ ତା'ର ଭାଇଭଉଣୀ ଓ ସାଙ୍ଗସାଥିମାନଙ୍କ ପ୍ରିୟପାତ୍ର ହୁଏ ।

## ପରିବାରର ଗୋଟିଏ ବିଶେଷ ଦୁର୍ଗୁଣ

ପ୍ରତ୍ୟେକ ପରିବାରରେ ପିଲାକୁ ଗୋଟିଏ ବିଷୟରେ ଖରାପ କରାଯାଏ—ସେଇଟା ହେଉଛି ଅଯଥା ପ୍ରଶଂସା । ଆମ ବାବୁଲା, ଆମ କୁନି ଏମିତି ଚାଲୁଛି, ଏମିତି କଥା କହୁଛି—ଏଗୁଡ଼ିକ ଅନବରତ କୁହାହେଉଥାଏ । ପିଲାର ପ୍ରଶଂସାରେ ବଡ ମଣିଷମାନଙ୍କର ସତେ କି ମୋଟେ କ୍ଳାନ୍ତି ନାହିଁ । ପ୍ରତ୍ୟେକ ଘରକୁ ତାଙ୍କ ପିଲା ଅପୂର୍ବ । ଏମିତି ଗୁଡ଼ାଏ କଥା କହି ସେମାନେ ପିଲାକୁ ବିଗାଡ଼ିବାରେ ଲାଗିଥାନ୍ତି ।

ପିଲା ବଡ଼ ହେବା ପରେ ସେମିତି ସେ ସ୍କୁଲରେ କେତେ ନମ୍ବର ପାଇଲା, କେମିତି କାହାକୁ ଝପିଲା ଓ କେତେ ଭାବରେ ସରସ—ତା'ର ମୁହଁରେ କହୁଥାନ୍ତି । ଫଳରେ ପିଲା ନିଜର ପଡ଼ୋସାଥିଙ୍କ ମେଳରେ ପ୍ରଶଂସା ପାଉ ନ ଥିବାରୁ ସବୁବେଳେ ଘରକୁ ଟେକି ଧରେ । ଆଉ ମାବାପାଙ୍କ ଆଢୁଆଳରେ ରହିବାକୁ ଚାହେଁ ।

ଏଥିରେ ଭଲ କ'ଣ ହେଲା ? ମଣିଷର କାମ ଉଚ୍ଚସ୍ତର ବା ନିମ୍ନସ୍ତରର ହୋଇପାରେ । କିନ୍ତୁ ତାକୁ ଅଯଥା ଗୁରୁତ୍ୱ ଦେଲେ ପିଲା ତ ସବୁବେଳେ ଭାବିବ—ଘରଟା ହେଉଛି ସ୍ୱର୍ଗ । ଆଉ ସମସ୍ତେ ଖରାପ ।

ଘରେ ମଧ୍ୟ ପ୍ରଶଂସା ଶୁଣା ହୋଇଗଲେ ସେ ଘର ମଣିଷଙ୍କ ଉପରେ ବିରକ୍ତ ହେବ । ତାକୁ କେହି ସହି ପାରୁନାହାନ୍ତି, ଆଉ ସେ ନିଜେ ବଡ଼ ବିଚକ୍ଷଣ—ଏଇ ଦୁଇଟି ଭୁଲ୍ କଥା ସ୍ଥିର ସତ୍ୟ ବୋଲି ଭାବିବ । ଏଇଠି ବାପମା ପିଲାର ଭବିଷ୍ୟତ ନଷ୍ଟ କରୁଛନ୍ତି ।

ଶେଷରେ ଦେଖାଯାଉଛି ଯେ ପିଲା ଚାକିରିଆଡେ଼ କହି ବୁଲୁଛି —କିଛି ନ ହେଲେ ଗାଁକୁ ଚାଲିଯିବି, ସେଠି ତା'ର ସବୁ ଅଛି । ଗାଁକୁ ଆସିଲେ ସେ ସେଠି ମଧ୍ୟ କିଛି ସୁବିଧା କରୁନାହିଁ ।

ବାପମା ଯଦି ପିଲାକୁ ସାମାନ୍ୟ କାମରେ ଗୁଡ଼ାଏ ପ୍ରଶଂସା ଅକାଡ଼ି ନ ଦେଇ ସେ ଆହୁରି ବଡ଼ ହେଉ, ବଡ଼ କାମ କରୁ ବୋଲି ତାକୁ ଉତ୍ସାହିତ କରନ୍ତେ, ତେବେ ପିଲାର ବିଶେଷ ଉପକାର ହୁଅନ୍ତା ।

ଘରକୁ ଆସି ପିଲା ଦେଖୁଛି ଯେ ସେ ପରୀକ୍ଷାରେ ଭଲ କରିବ ବୋଲି ତା' ମା ପୂଜା କରୁଛି । ଏଇ କଥା ଦେଖିଲେ ସେ ତ ନିଜକୁ ଅସାଧାରଣ ବୋଲି ଭାବିବା କଥା । କିନ୍ତୁ ତା'ର

କାମଟି ହେଉଛି ଅତି ସାଧାରଣ । ବାପମା ଯଦି ଏତକ ନକରି ପିଲାକୁ ଅନ୍ୟ ପ୍ରକାରରେ ବଡ଼ କାମ କରିବାକୁ ଉତ୍ସାହ ଦିଅନ୍ତି, ତେବେ ପିଲା ନିଶ୍ଚୟ ଭାରତବର୍ଷର ସବୁ ଜାତିର ପିଲାଙ୍କ ସହିତ କାନ୍ଧ ମିଳାଇ ଚାଲିପାରନ୍ତା ।

ଘରର ଅତିରିକ୍ତ ସ୍ନେହ ଯୋଗୁଁ ସେ ଏପରି ସ୍ନେହ-କାଙ୍ଗାଳ ହୋଇଯାଏ ଯେ ସେ ଧାରଣା କରିନିଏ—କଲିକତା ସହରରେ ହଜିଯିବ । ମାନ୍ଦ୍ରାଜରେ ମାନ୍ଦ୍ରାଜୀଙ୍କ ସାଙ୍ଗରେ ପାରିବ ନାହିଁ । ପଞ୍ଜାବୀ ଲୋକେ ବଡ଼ ଚତୁର । ଏଥିରେ ତା'ର ହେବ କ'ଣ ?

ମା ଖାଲି କାର୍ତ୍ତିକ-ପୂର୍ଣ୍ଣିମାଦିନ ନଈ, ପୋଖରୀରେ ବୋଇତ-ବନ୍ଦାଣ ପାଳୁଛି । କିନ୍ତୁ ପିଲା ଉପରେ ତା'ର ପ୍ରଭାବ ପଡ଼ୁନାହିଁ । ପିଲା ମଧ୍ୟ ବାରବର୍ଷର ଧରମା, କୋଣାର୍କ ମନ୍ଦିର ଆଉ ଓଡ଼ିଶା ବୀରମାନଙ୍କର ବୀରତ୍ୱପୂର୍ଣ୍ଣ କାହାଣୀ ବିଷୟରେ କବିତା ପ୍ରବନ୍ଧ ଶହ ଶହ ଲେଖି ପକାଇଲେ ବି, ଗାଁଠାରୁ ଦୂରରେ ଚାକିରୀ ମିଳିଲେ ସେ ଇସ୍ତଫା ଦେଉଛି । ନ ହେଲେ ଡାକ୍ତର ସାର୍ଟିଫିକେଟ ନେଇ ଘରେ ରହୁଛି ।

ପିଲାମନରେ ବାପମା ଏଇ ପ୍ରକାରର ଭୁଲ ଧାରଣା ଯେପରି ନରହେ; ସେଥିପାଇଁ ଚେଷ୍ଟା କରିବା ଉଚିତ । ଜାତି-ପ୍ରୀତି ଛଳରେ ଯେଉଁ ପ୍ରକାରର ଦୁର୍ବଳତା ବଢ଼ିଯାଉଛି, ତା'ର ପ୍ରତିକାର କେବଳ ପିଲାଦିନେ କରାଯାଇପାରିବ ।

ମାମାନେ ତାଙ୍କର ସ୍ନେହ ମନ ଭିତରେ ନରଖି ସବୁବେଳେ ଶୁଆପରି ଘୋଷି ହେଉଥିବାରୁ ପିଲାମାନଙ୍କର ଭବିଷ୍ୟତ୍ ନଷ୍ଟ ହୋଇଯାଉଛି । ମୋ ପୁଅ ଗୋଡରେ କଣ୍ଟା ନ ବାଜୁ—ଏଇ କଥାଟି ବୁଲି ବୁଲି ଯାଇ ପିଲାକୁ ଏତେ ଦୁର୍ବଳ କରି ଦେଉଛି ଯେ

ପିଲା ବଜାରକୁ ବାହାରିଲାବେଳେ ତା'ର କୋଉ ନାକପୁଡ଼ାରେ ନିଶ୍ୱାସ ଯାଉଛି; ସେ କଥା ପରୀକ୍ଷା କରି ବାହାରୁଛି । ଏହିସବୁ କୁସଂସ୍କାର ବହୁତ କ୍ଷତି କରୁଛି ।

# କୁସଂସ୍କାରର ପିଲା ଉପରେ ପ୍ରଭାବ

ପ୍ରତ୍ୟେକ ଦେଶରେ ନିର୍ଦ୍ଦିଷ୍ଟ କଥା ଅଛି । ସେଗୁଡ଼ିକ ସତ ହୁଏ ବୋଲି ଏପରି ଭାବରେ ବଦ୍ଧମୂଳ ଧାରଣା ରହିଛି ଯେ କେହି କୁସଂସ୍କାରରୁ ମୁକ୍ତ ନୁହନ୍ତି ।

ଆମ ଦେଶରେ ବି କଥା ଅଛି—କଛି ନହେଲେ ଠେଙ୍ଗାଟିଏ ସାଥିରେ ଥିବ । ଏଇଟା ଅବଶ୍ୟ ଭଲ କଥା । ଯେତେବେଳେ ଚୋର ଡକେଇତଙ୍କ ଦୌରାତ୍ମ୍ୟ ଥିଲା ଓ ହିଂସ୍ର ଜୀବଜନ୍ତୁ ପୂରି ରହିଥିଲେ, ସେତେବେଳେ ଏଇ ଉକ୍ତିର କିଛି ମାନେ ଥିଲା । ଏବେ ଦେଖାଯାଉଛି, ବଡମଣିଷ ନିଜ ଘରେ ଥିଲା ବେଳେ ଟିକିଏ ବାଡ଼ିଆଡ଼କୁ ବାହାରିଲେ ଠେଙ୍ଗା, ଲଣ୍ଠନ ଓ ସ୍ଥାନ ବିଶେଷରେ ଟର୍ଚ୍ଚ ଆଲୁଅ ଧରୁଛନ୍ତି । ଆଉ ଘରୁ ମାଇପେ ବାରଣ କରୁଛନ୍ତି ।

ଏହାର ପ୍ରଭାବ କ'ଣ ପିଲା ଉପରେ ପଡ଼ିବ ନାହିଁ ? ପଡ଼ୁଛି । ପିଲା ବି ଅପରିଚିତ ସ୍ଥାନକୁ ଯିବାକୁ ସୁଖ ପାଉନାହିଁ ।

ପୁଣି ସେମିତି ଘର ଛାଡ଼ିବାବେଳେ 'ନ' ଛ, ତେର' 'ଗୁରୁବାର, ସଂକ୍ରାନ୍ତି' ପାଳି ଶୁଭଦିନ, ଶୁଭଯୋଗ କରୁ କରୁ ବହୁତ ଅସୁବିଧା ହେଉଛି । ପିଲାଦିନରୁ ବଡ଼ ମଣିଷଙ୍କ ପାଖରେ

ଏଗୁଡ଼ିକ ଦେଖି ପିଲ୍ମାନେ ଏଇ କୁସଂସ୍କାରରୁ ମୁକ୍ତ ପାଇ ପାରୁ ନାହାଁନ୍ତି ।

ଅନୁଭବରେ ହୁଏ ତ କେତେକ କଥା ସତ । କିନ୍ତୁ ଏଇ ସବୁ ଘଟଣା ଉପରେ ଆଜିର ଦୁନିଆରେ ଚଳିବାକୁ ଚେଷ୍ଟା କରିବା ନିଶ୍ଚୟ କଷ୍ଟସାଧ୍ୟ ।

ଆମ ଘରେ ପକ୍କା କୋଠା କଲେ ମଣିଷ ମରନ୍ତି । ପାନବରଜ ସହେ ନାହିଁ । ହଳଦୀ, ଅଦା କରିବା ଦୋଷ—ଏସବୁ ମନେ ରଖି ପ୍ରତ୍ୟେକ ମଣିଷ ତାଙ୍କର ଜୀବନକୁ ଚଳାଇବାକୁ ଚେଷ୍ଟା କଲେ ଦେଖୁଛନ୍ତି ଯେ ବହୁତ କାମରୁ ସେମାନେ ବାରି ହୋଇ ରହୁଛନ୍ତି ।

ତେଣୁ ବାପମା ପିଲାକୁ ମଣିଷ କଲାବେଳେ ପିଲା ମନରେ ଯେତେ କମ୍ କୁସଂସ୍କାର ରହେ, ସେଥିପ୍ରତି ଚେଷ୍ଟା କରିବା ଉଚିତ । କୁସଂସ୍କାରକୁ ସତ ବୋଲି ଗ୍ରହଣ କଲେ ହୁଏ ତ ପିଲା ଗୋଡ଼ରେ କଣ୍ଟା ନ ବାଜି ପାରେ, କିନ୍ତୁ ପିଲା ଯେ ଅଧିକାଂଶ କାମକୁ ଅଯୋଗ୍ୟ ହେଉଛି, ଏକଥା ମନେ ରଖିବା ଉଚିତ ।

ଅଳ୍ପରେ ସନ୍ତୁଷ୍ଟ ରହିବା ନୀତି ଖସି ଖସି ଆସି ଏକାବେଳକେ ନିଉଛଣା, ନିକମା ଅବସ୍ଥାରେ ପହଞ୍ଚିଲାଣି । ସେଥିରୁ ଉଠିବାକୁ ହେଲେ ପିଲା ବେକରେ ମାଳେ ତଉଁରିଆ ଦେଇଦେଲେ ସବୁ ବିଷୟ ସମାଧାନ ହୋଇଯିବ ନାହିଁ ।

ଈଶ୍ୱରଙ୍କର ସାହାଯ୍ୟ ଆସି ଗାଁ ଓ ଅଞ୍ଚଳର ଗୁଣିଗାରେଡ଼ିରେ ବସା ବାନ୍ଧି ରହୁଛି । ବଡ଼ମାନେ ବି ସୁବିଧା ପାଇଲେ ପିଲା ଦିନର ତଉଁରିଆ ବଦଳରେ ଜାକଜମକରେ ଘିଅ ଦୀପ ବସାଉଛନ୍ତି । ଅର୍ଥାତ୍ ନିଜର ଉନ୍ନତି ପୂଜାଦ୍ୱାରା କରାଇ ନେବାକୁ ଉପାୟ ପାଉଛନ୍ତି ।

ତେଣୁ ପ୍ରତ୍ୟେକ ବାପମା ପିଲାର ଶୁଭ କାମନା କରି, ତାହାର ଭବିଷ୍ୟତକୁ ଦୃଷ୍ଟି ରଖି, ଉପଯୁକ୍ତ ଉଦାହରଣ ଦେଖାଇ ପିଲାକୁ ତାକୁ ଗଢ଼ିନେବା ଉଚିତ।

ନିଜର ବୁଦ୍ଧି ବିବେକ ଖଟାଇ ପ୍ରତ୍ୟେକ ପିଲାର ଓ ପରିବାରର ସୁବିଧା ଅସୁବିଧା କଥା ବିଚାର କରି କାମ କରିବା ଉଚିତ।

ଖାଲି ପିଲା ନୁହେଁ, ବଡ଼ ହେଲା ପରେ ବି ପିଲାକୁ ଠିକ୍ ପିଲାପରି ଦେଖିବା ଉଚିତ। କାରଣ ବାପମାଙ୍କ ପାଖରେ ତାଙ୍କର ପିଲା ସବୁଦିନେ ସେମିତି ଗେହ୍ଲାଟିଆ ଦିଶେ। ଅବସ୍ଥା ବିଚାର କରି ଯେତେବେଳେଯାଏ ବାପ ମା ପିଲାଠାରୁ ବହୁତ ବେଶି ମୂର୍ଖ ବା ଅନଭିଜ୍ଞ ବୋଲି ନିଜକୁ ନ ଭାବିବେ, ସେତେ ଦିନଯାଏ ପିଲାକୁ ଉପଯୁକ୍ତ କଥା କହିବା ଉଚିତ।

କାରଣ ମଣିଷର ଅନୁଭବ ବହିପଢ଼ା ଜ୍ଞାନଠାରୁ ଢେର ବେଶି। ସଂସାରରେ କ'ଣ କଲେ ଯଶ ଆସେ, ସେଇଟା ଅନୁଭବରେ ଯେପରି ମିଳେ, ବହି ପଢ଼ି ସେତିକି ଆସେ ନାହିଁ। ମାବାପାଙ୍କ ମନର ଉପଯୁକ୍ତ ହୋଇ ଯେତେବେଳେ ପିଲା ବଡ଼ ମଣିଷ ହେବ, ସେତେବେଳେ ତା'ର ପରିପୂର୍ଣ୍ଣତା ଓ ସିଦ୍ଧି। ସେତେଦିନଯାଏ ମାବାପାଙ୍କ କର୍ତ୍ତବ୍ୟ ଶେଷ ହୋଇ ନାହିଁ।

ସତ୍ୟ-ସୂର୍ଯ୍ୟ ପ୍ରକାଶିନୀ
ପୋ: ଅ: ବଡ଼ଗାଁ
ଜି: କଟକ

ଦ୍ୱିତୀୟ ଓ ତୃତୀୟ ଅର୍ଘ୍ୟ

# ଚନ୍ଦ୍ର ଓ ଚକୋର

# ପାଗଳ

[ ଦୁଇଟି ଯୁଗାନ୍ତକାରୀ ଉପନ୍ୟାସ ]

ଲେଖକ
ଶ୍ରୀ ନରସିଂହ ସାହୁ